ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.25 . No.160 Bhubaneswar Thursday Auguest 11 2022 | ୨୫ତମ ବର୍ଷ ସଂଖ୍ୟା–୧୬୦ ଭୁବନେଶ୍ୱର, ଗୁରୁବାର, ଅଗଷ୍ଟ ୧୧, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS


## ଜଷ୍ଟିସ ଉଦୟ ଉମେଶ ପରବର୍ତ୍ତୀ ପ୍ରଧାନ ବିଚାରପତି, ମୋହର ମାରିଲେ ରାଷ୍ଟ୍ରପତି

ନୂଆଦିଲ୍ଲୀ,୧୦।୮(ପି.ଏନ): ଜଷ୍ଟିସ ଉଦୟ ଉମେଶ ହେବେ ସୁପ୍ରିମକୋର୍ଟର ପରବର୍ତ୍ତୀ ପ୍ରଧାନ ବିଚାରପତି । ଆଜି ତାଙ୍କ ନାମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ବିଧିବଦ୍ଧ ଭାବେ ମୋହର ମାରିଛନ୍ତି। ବର୍ତ୍ତମାନର ପ୍ରଧାନ ବିଚାରପତି ଥିବା ଏନଭି ରମନ୍ନାଙ୍କ ଉତ୍ତରାଧିକାରୀ ହେବେ ଉଦୟ ଉମେଶ। ଆସନ୍ତା ଅଗଷ୍ଟ ୨୬ରେ ରମନ୍ନାଙ୍କ କାର୍ଯ୍ୟକାଳ ଶେଷ ହେଉଛି। ସେହିପରି ଉଦୟ ଉମେଶ ହେବେ ଦେଶର ୪୯ତମ ପ୍ରଧାନ ବିଚାରପତି। ସେ ଅଗଷ୍ଟ ୨୭ ତାରିଖରୁ ଦାୟିତ୍ୱ ଗ୍ରହଣ କରିବେ। ପୂର୍ବରୁ କେନ୍ଦ୍ର ଆଇନ ମନ୍ତ୍ରାଳୟ ପକ୍ଷରୁ ପ୍ରଧାନ ବିଚାରପତିଙ୍କ ସଚିବାଳୟକୁ ଏକ ପତ୍ର ପଠାଯାଇ ଦେଶର ପରବର୍ତ୍ତୀ ପ୍ରଧାନ



ବିଚାରପତିଙ୍କ ନାମ ସୁପାରିସ କରିବାକୁ କୁହାଯାଇଥିଲା । ଏହାର ଉତ୍ତରରେ ପ୍ରଧାନ ବିଚାରପତି ଏନଭି ରମନ୍ନା ଜଷ୍ଟିସ ଉଦୟ ଉମେଶଙ୍କ ନାମ ସୁପାରିଶ କରିଥିଲେ ।ଜଷ୍ଟିସ ଲଳିତଙ୍କ କାର୍ଯ୍ୟଦିବସ କେବଳ ୭୪ଦିନ ରହିବ। ଚଳିତ ବର୍ଷ ନଭେମ୍ବର ୮ରେ ସେ ଅବସର ନେବେ । ଜଷ୍ଟିସ ଲଳିତ ୧୯୫୭ ନଭେମ୍ବର ୯ ତାରିଖରେ ଜନ୍ମଗ୍ରହଣ କରିଥିଲେ। ୧୯୮୩ ଜୁନ୍‌ରେ ସେ ବମ୍ବେ ହାଇକୋର୍ଟରେ ଓକିଲାତି ଭାବେ କ୍ୟାରିଅର ଆରମ୍ଭ କରିଥିଲେ। ପରେ ସେ ଦିଲ୍ଲୀ ପଳାଇ ଆସିଥିଲେ।୨୦୦୪ରେ ଲିତଙ୍କୁ ସୁପ୍ରିମକୋର୍ଟ ପକ୍ଷରୁ ବରିଷ୍ଠ ଓକିଲ ଭାବେ ନିଯୁକ୍ତ କରାଯାଇଥିଲା। ସିବିଆଇ ପକ୍ଷରୁ ଲଳିତ ସରକାରୀ ଓକିଲ ଭାବେ କାର୍ଯ୍ୟ କରିଛନ୍ତି। ପରେ ସୁପ୍ରିମକୋର୍ଟ ବାର ପକ୍ଷରୁ ତାଙ୍କୁ ବିଚାପତି ଭାବେ ନିଯୁକ୍ତି ଦିଆଯାଇଥିଲା। ୨୦୧୪ ଅଗଷ୍ଟ ୧୩ ତାରିଖରେ ଲଳିତଙ୍କୁ ସୁପ୍ରିମକୋର୍ଟର ବିଚାରପତି ଭାବେ ନିଯୁକ୍ତ କରାଯାଇଥିଲା।

## ୧୩ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସମ୍ବଲପୁର ଗସ୍ତ

ସମ୍ବଲପୁର ,୧୦।୮(ପି.ଏନ): ସ୍ୱାଧୀନତା ର ୭୫ ବର୍ଷ ପୂର୍ତ୍ତୀ ଅବସରେ ୨୦୨୧ ମସିହା ସ୍ୱାଧୀନତା ଦିବସ ରୁ ୨୦୨୨ ସ୍ୱାଧୀନତା ଦିବସ ଯାଏଁ ଚଳିତ ବର୍ଷକୁ ଆଜାଦି କା ଅମୃତ ମହୋତ୍ସବ ଭାବରେ ପାଳନ କରାଯାଉଛି । ସରକାରୀ ଓ ବେସରକାରୀ ସ୍ତରରେ ବର୍ଷ ତମାମ ବିବିଧ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି । ବର୍ତ୍ତମାନ ଦେଶବ୍ୟାପୀ ତ୍ରିରଙ୍ଗା ଯାତ୍ରା ଓ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ କୁ ନେଇ ଦେଶବାସୀ ଙ୍କ ମନରେ ଉତ୍ସାହ ଓ ଉଦ୍ଦୀପନା ଦେଖିବାକୁ ମିଳୁଛି । ଜାତି, ଧର୍ମ, ବର୍ଣ୍ଣ, ଭାଷା, ପ୍ରାନ୍ତୀୟ ଓ ରାଜନୈତିକ ବିଚାରଧାର ରୁ ଉର୍ଦ୍ଧ୍ୱ ରୁ ଉଠି ସମସ୍ତ ନାଗରିକ ଓ ସଂଗଠନ ଏଇ ଆଜାଦି କା ଅମୃତ ମହୋତ୍ସବର କାର୍ଯ୍ୟକ୍ରମ ଆୟୋଜନ କରୁଛନ୍ତି ଅଥବା କାର୍ଯ୍ୟକ୍ରମରେ ଭାଗ ନେଉଛନ୍ତି ।ଆଜାଦି କା ଅମୃତ ମହୋତ୍ସବକୁ ନେଇ ସମ୍ବଲପୁର ବିଜେପି ପକ୍ଷରୁ ମଧ୍ୟ ବିବିଧ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ଶେଷ ୪ ଦିନ ରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ କୁ ନେଇ ବିଜେପି କ୍ଷେତ୍ରୀୟ ଗଣମାଧ୍ୟମ ସଂଯୋଜକ ମାନସ ରଞ୍ଜନ ବକ୍ସି ଗଣମାଧ୍ୟମ କୁ ସୂଚନା ଦେଇଛନ୍ତି । ଆସନ୍ତା ୧୨ ତାରିଖରେ ବଜେପି ଯୁବ ମୋର୍ଚ୍ଚା ପକ୍ଷରୁ ବିଶାଳ ମୋଟରସାଇକିଲ ଶୋଭାଯାତ୍ରା ର ଆୟୋଜନ କରାଯାଇଛି । ଏହି ବାଇକ ରେଲି ପୂର୍ବାହ୍ନ ୧୦ଟା ରେ ଭାତରା ରୁ ଆରମ୍ଭ ହୋଇ ସମ୍ବଲପୁର ସହର ପରିକ୍ରମା କରି ହୀରାକୁଦ, ବୁର୍ଲା ଦେଇ ଗୋଶାଳା ଠାରେ ମଧ୍ୟାହ୍ନ ୨ ଘଣ୍ଟାରେ ସମାପ୍ତ ହେବ । ଆସନ୍ତା ୧୩ ତାରିଖରେ ଅମୃତ ମହୋତ୍ସ୍ୱ ତ୍ରିରଙ୍ଗା ଯାତ୍ରା କମିଟି ପକ୍ଷରୁ ସ୍ଥାନୀୟ ଜେଲ ଛକ ରୁ ଅଇଁଠାପାଲି ଛକ ଯାଏଁ ହେବାକୁ ଥିବା ୫୦୦ ମିଟର ଲମ୍ବ ତ୍ରିରଙ୍ଗା ଯାତ୍ରା ରେ ବିଜେପି ସାମିଲ ରହିବ । ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ ପରିପ୍ରେକ୍ଷିରେ ୧୩ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ସମଲେଶ୍ୱରୀ ମନ୍ଦିର ଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଙ୍କ ଦ୍ୱାରା ତ୍ରିରଙ୍ଗା ପତାକା ବଣ୍ଟନ କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୀ ଙ୍କ ଆହ୍ୱାନ କ୍ରମେ ଆସନ୍ତା ୧୪ ତାରିଖ ସନ୍ଧ୍ୟା ୫ ଘଣ୍ଟା ସମୟରେ ଜିଲ୍ଲାର ପ୍ରତ୍ୟେକ ମଣ୍ଡଳରେ ବିଭାଜନ ବିଭୀଷିକା ସ୍ମୃତି ଦିବସ ପାଳନ କରାଯିବ।

## ପେଟ୍ରୋଲ ଟାଙ୍କି ଖୋଲିବାର ପଛ ରହସ୍ୟକୁ ନେଇ ସହରରେ ଚର୍ଚ୍ଚା

ପୁରୀ, ୧୦।୮(ପି.ଏନ): ଜନଗହଳିପୂର୍ଣ୍ଣ ଅଂଚଳ ଗୁଣ୍ଡିଚା ମନ୍ଦିର ନିକଟରେ ଖୋଲିଛି ଏକ ନୂଆ ପେଟ୍ରୋଲ ଟାଙ୍କି। ଏହି ଟାଙ୍କି ଖୋଲିବାକୁ ନେଇ ସ୍ଥାନୀୟ ଅଂଚଳରେ ଜନଶୁଣାଣି କରାନଯାଇ ଲୁଚାଛପାରେ ପାଚେରି ଓ ନେଳିକନା ଆଡୁଆଳ କରି ବହୁଦିନ ଧରି କାମ ଚାଲିଥିଲା। ପେଟ୍ରୋଲ ଟାଙ୍କି ଖୋଲିଥିବା ମାଲିକ ଜଣେ ପୋଖତ ବେପାରି ହୋଇଥିବାରୁ ବେପାର କିପରି ବଢ଼ିବ ସେ ସମ୍ପର୍କରେ ଅନେକ କାଇଦା କଟକଣାକୁ ବ୍ୟବହାର କରିଥିବା ଆଲୋଚନା ହେଉଛି। ଗୁଣ୍ଡିଚା ମନ୍ଦିର ରୋଷଶାଳା ଠାରୁ ୫୦ ମିଟର ଭିତରେ ଏହି ଟାଙ୍କି ଖୋଲାଯାଇଛି। ଟାଙ୍କି ଖୋଲାଯାଇଥିବା ପ୍ଲଟଟି ନଟ୍ ଫାଇନାଲ ଅଂଚଳ ହୋଇଥିବାବେଳେ ଅତ୍ୟଧିକ ଦର ଦେଇ କିଣା ଯାଇଥିବା କୁହାଯାଉଛି। ସେହିପରି ରାସ୍ତାକୁ ଲାଗିକରି ପେଟ୍ରୋଲ ଟାଙ୍କି ହୋଇଥିବାରୁ ଯଦି ଲମ୍ବା ଲାଇନ ହୁଏ ତେବେ ସେଠାରେ ଟ୍ରାଫିକ ଜାମ ସହ ବସ୍‌ଷ୍ଟାଣ୍ଡରୁ ବସ୍ ଯାତାୟାତ କରିବାରେ ବିଳମ୍ବ ଘଟିବ। ପୂର୍ତ୍ତ ବିଭାଗ କେଉଁ ଆଧାରରେ ଅନୁମତି ଦେଇଛି ତାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଯୋଗାଣ ବିଭାଗ ଅଧିକାରୀ କହିଛନ୍ତି ପେଟ୍ରୋଲ ଯୋଗାଣ ପାଇଁ ଆମେ ଅନୁମତି ଦେଇନାହୁଁ କେବଳ ଡ଼ିଜେଲ ଯୋଗାଣ ପାଇଁ ଅନୁମତି ଦେଉଥିବା ବେଳେ ସମ୍ପୃକ୍ତ ଟାଙ୍କି ମାଲିକର ଫାଇଲ ଆମ ପାଖକୁ ଆସିନାହିଁ। ମାପ ଓ ଓଜନ ବିଭାଗ ପୁରୀ ସହରର କେଉଁ ସ୍ଥାନରେ ଅଫିସ ଖୋଲିଛି ତାହା କେହି ଜାଣିପାରି ନାହାନ୍ତି। ଅନ୍ୟପକ୍ଷରେ ମାପ ଓ ଓଜନ ବିଭାଗ କେଉଁ ଆଧାରରେ ଅନୁମତି ଦେଇଛି ତା'ର ରହସ୍ୟ କ'ଣ ତାକୁ ନେଇ କୋଳତାଡ଼ ଆରମ୍ଭ ହୋଇଛି। ପେଟ୍ରୋଲ ଟାଙ୍କି ପାଇଁ କେଉଁ ନେତାଙ୍କୁ ଧରି ଅନୁମତି ଅଣାଯାଇଛି ତାହା ପଛର ଅସଲ ରହସ୍ୟ କଣ ତାକୁ ବି ଅଚଂଳବାସୀ ଖୋଳତାଡ଼ କରିବାରେ ଲାଗିଛନ୍ତି। ଅଗ୍ନିଶମ ବିଭାଗ କ'ଣ ଦେଖି ଅନୁମତି ଦେଇଛନ୍ତି ଏ ସମ୍ପର୍କରେ ଅଚଂଳବାସୀଙ୍କୁ ଜଣାଇନଥିବା ଆଲୋଚନା ହେଉଛି। ସେହି ଅଚଂଳଟି ନିଶାଖୋରଙ୍କ ଆଡ୍ଡାସ୍ଥଳି ହୋଇଥିବା ବେଳେ ୨୪ ଘଂଟା ଦିନରାତି ବିଡ଼ି ସିଗାରେଟ ନିଆଁ ଫୋପାଡୁଥିବା ଦେଖିବାକୁ ମିଳୁଛି। ଟାଙ୍କି କାମ ହେବା ପୂର୍ବରୁ ଗୋଟିଏ ମାଧ୍ୟମ ପ୍ରତିନିଧି ଏ ସମ୍ପର୍କରେ ଖୋଳତାଡ଼ କରୁଥିବାବେଳେ ସେ ଏବେ କାହିଁକି ଚୁପ୍ ରହିଛନ୍ତି ତାକୁ ନେଇ ମୋଚିସାହି ଛକରେ ଚର୍ଚ୍ଚା ହେଉଛି। ଏହି ପେଟ୍ରୋଲ ଟାଙ୍କି ଖୋଲିବା ପଛରେ କିଛି ବାହୁବଳି, ରାଜନେତା ଓ ମାଧ୍ୟମ ପ୍ରତିନିଧିଙ୍କ ହାତ ଚିକ୍କଣ ହୋଇଥିବା ଆଲୋଚନା ହେଉଛି। ଏହା ପଛରେ ଅନେକ ଲୁକାୟିତ ତଥ୍ୟ ଲୁଛି ରହିଛି।

### ସୁନୀଲ ବଂଶଲ ହେଲେ ଓଡିଶା ପ୍ରଭାରୀ

ଭୁବନେଶ୍ୱର, ୧୦।୮(ପି.ଏନ): ବଦଳିଲେ ରାଜ୍ୟ ବିଜେପି ପ୍ରଭାରୀ। ସୁନୀଲ ବଂଶଲଙ୍କୁ ଓଡ଼ିଶା ବିଜେପି ପ୍ରଭାରୀ ଭାବେ ନିଯୁକ୍ତି ଦିଆଯାଇଛି। ଓଡ଼ିଶା ସହ ପଶ୍ଚିମବଙ୍ଗ ଓ ତେଲେଙ୍ଗାନାର ଦାୟିତ୍ୱ ରେ ମଧ୍ୟ ରହିବେ ସୁନୀଲ। ବିଜେପି ମୁଖ୍ୟାଳୟ ପକ୍ଷରୁ ଜାରି ଏକ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି ରାଷ୍ଟ୍ରୀୟ ମହାସଚିବ ଅରୁଣ ସିଂହ। ବିଜ୍ଞପ୍ତି ଅନୁଯାୟୀ ସୁନୀଲ ବଂଶଲ ବର୍ତ୍ତମାନ ଉତର ପ୍ରଦେଶର ସଂଗଠନ ସାଧାରଣ ସମ୍ପାଦକ ରହିଥିବା ବେଳେ ତାଙ୍କୁ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ମିଳିଛି। ଏହା ବ୍ୟତୀତ ୩ ଟି ରାଜ୍ୟର ପ୍ରଭାରୀ ଦାୟିତ୍ୱ ମିଳିଛି।

### ଲଗାଣ ବର୍ଷା ଯୋଗୁଁ ହଇଜା, ଝାଡା, ବାନ୍ତି ବ୍ୟାପିବା ଆଶଙ୍କା : ନିରଂଜନ ମିଶ୍ର

ଭୁବନେଶ୍ୱର, ୧୦।୮(ପି.ଏନ): ରାଜ୍ୟରେ ଲଗାଣ ବର୍ଷା କାରଣରୁ ହଇଜା ଓ ଝାଡାବାନ୍ତି ବ୍ୟାପି ପାରେ ବୋଲି ସତର୍କ କରାଇଛନ୍ତି ରାଜ୍ୟର ଜନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଂଜନ ମିଶ୍ର। ସେ କହିଛନ୍ତି ଯେ ଏ ସମ୍ପର୍କରେ ସମସ୍ତ ଜିଲ୍ଲାର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମଓ)ଙ୍କୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦିଆ ଯାଇଛି । ପୂର୍ବରୁ ହଇଜା ଓ ଝାଡାବାନ୍ତି ବ୍ୟାପିଥିବା ୭ ଜିଲ୍ଲା ଉପରେ ବିଶେଷ ନଜରରଖାଯାଇଛି ବୋଲି ସେ ସୂଚନା ଦେଇଛନ୍ତି ।

## ବକେୟା ଅର୍ଥ ନପାଇ ଥାନାରେ ଏତଲା ଦେଇ କଂପାନୀ ମୁଖ୍ୟଙ୍କୁ ଅଟକ ରଖିଲେ ଠିକାଦାର

ରାଉରକେଲା, ୧୦।୮(ପି.ଏନ): ରାଉରକେଲା ସହରରେ ପାଇପ ଲାଇନ କାମ କରାଇ ୧୨ରୁ ୧୪ଜଣ ସ୍ଥାନୀୟ ଠିକାଦାରଙ୍କୁ ଦିର୍ଘ ଦିନ ଧରି ଆଜି କାଲି କରି ପ୍ରାୟ କୋଟିଏ ଟଙ୍କା ବାକି ରଖି ଦେଉନଥିବା ହାଇଦ୍ରାବାଦର ଏକ ଠିକା କଂପାନୀ ମୁଖ୍ୟଙ୍କୁ ଆଜି ଦିର୍ଘ ସମୟ ଧରି ତାଙ୍କ ଅଫିସରେ ଅଟକ ରଖିବା ଓ ଥାନାରେ ଏତଲା ଦେବା ଘଟଣା ଆଜି ସହରରେ ଜାଣିବା ଶୁଣିବା ମହଲରେ ଚର୍ଚ୍ଚାର ବିଷୟ ହୋଇଛି ।ଘଟଣାରୁ ପ୍ରକାଶ ଯେ, ହାଇଦ୍ରାବାଦର ଠିକା କଂପାନୀ ମେଘା ଇଁଜିନିୟରିଂ ରାଉରକେଲା ସମେତ ଓଡିଶାର ଅନେକ ସ୍ଥାନରେ ପାଇପଲାଇନ ବିଛା କାମ ନେଇଛି । ରାଉରକେଲାରେ କାମ ଚାଲିଥିବା ବେଳେ ସ୍ଥାନୀୟ ଠିକାଦାର ମାନଙ୍କୁ ନେଇ ସେ କାମ କରୁଥିଲା, ତେବେ କାମ କରିଥିବା ଠିକାଦାର ମାନଙ୍କର ୪ ଲକ୍ଷରୁ ୨୦ ଲକ୍ଷ ଯାଏ ବିଲ କୁ ନଦେଇ ବିଗତ ଏକ ବର୍ଷ ଧରି କଂପାନୀର ସିଜିଏମ, ଏସଏସ ସୁବାଶ ଚନ୍ଦ୍ର ଖେଳିବା ସହ ହାଇଦ୍ରାବାଦ ଯାଇ ଟଙ୍କା ମାଗ ବୋଲି କହି ଆସୁଥିଲେ ବୋଲି ଠିକାଦାର ମାନେ ଅଭିଯୋଗ କରିଛନ୍ତି । ଏହି କାମ ଦାୟିତ୍ୱରେ ଥିବା ପବନ ଅଗ୍ରୱାଲଙ୍କୁ ଠିକାଦାର ମାନେ କହି ମଧ୍ୟ କିଛି ସୁଫଳ ପାଇଲେ ନାହିଁ । ଫଳରେ ଗତକାଲି ଠିକାଦାର ମାନେ ମିଳିତ ଭାବେ ରଘୁନାଥପାଲ୍ଲୀ ଥାନାରେ ଏତଲା ଦେବା ସହ ଆଜି କଂପାନୀର ସିଭିଲ ଟାଉନ ଘର ନମ୍ବର ଜି ୭/୨୪ ଅଫିସରେ ୨ ମୁଖ୍ୟ ଅଧିକାରୀଙ୍କୁ ଅଟକ ରଖିଥିବା ଖବର ମିଳିଛି । ତେବେ ଦିର୍ଘ ସମୟ ଧରି ଅଟକ ରଖାଜିବା ବେଳେ ଏହି ଖବର ପାଇ ନିଜ ପାଉଣା ପାଇନଥିବା ଠିକାଦାର ମାନେ ମଧ୍ୟ ସେଠାରେ ପହଁଚିଥିଲେ, ଯୁକ୍ତି ତର୍କ ସହ ସେଠାରେ ଉତେଜନା ସ୍ଥିତି ଉପୁଜି ଥିବାର ଖବର ମିଳିଛି ।

## ପଞ୍ଚାୟତିରାଜ ସଚିବ ଅଶୋକ ମୀନାଙ୍କୁ ମିଳିଲା କେନ୍ଦ୍ରରେ ନିଯୁକ୍ତି, ଉଷାଙ୍କୁ ପଦୋନ୍ନତି

ଭୁବନେଶ୍ୱର (ଓଡିଶା ରିପୋର୍ଟର): ଗତ ସପ୍ତାହରେ କେନ୍ଦ୍ରରୁ ଡେପୁଟେସନ ସମାପ୍ତ କରି ୨ଜଣ ଆଇଏଏସ୍ ଓଡ଼ିଶା ଫେରିବା ପରେ ଆଜି ରାଜ୍ୟ ପଂଚାୟତିରାଜ ବିଭାଗର ପ୍ରମୁଖ ସଚିବ ଅଶୋକ କୁମାର ମୀନାଙ୍କୁ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିଛି। ଏହାସହିତ ଆଇଏଏସ୍ ଉଷା ପାଢ଼ୀଙ୍କୁ ମଧ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି ।କେନ୍ଦ୍ର କ୍ୟାବିନେଟର ନିଯୁକ୍ତି ସଂକ୍ରାନ୍ତ କମିଟି ଆଜି ୧୯୯୩ ବ୍ୟାଚ୍ ଆଇଏଏସ୍ ତଥା ପଂଚାୟତିରାଜ ସଚିବ ଶ୍ରୀ ମୀନାଙ୍କୁ କେନ୍ଦ୍ର ସରକାରରେ ଅତିରିକ୍ତ ସଚିବ ପାହ୍ୟାରେ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ)ର ପରିଚାଳନା ନିର୍ଦ୍ଦେଶକ ତଥା ଅଧକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି। ଶ୍ରୀ ମୀନା ଅଗଷ୍ଟ ତୃତୀୟ ସପ୍ତାହରେ ଓଡ଼ିଶା ଛାଡ଼ି ନିଜର ଏହି ନୂଆ ଦାୟିତ୍ୱ ସମ୍ଭାଳିବେ ।ସେହିପରି କେନ୍ଦ୍ରୀୟ ଡେପୁଟେସନରେ ଥିବା ୧୯୯୬ ବ୍ୟାଚ୍ ଆଇଏଏସ୍ ଉଷା ପାଢ଼ୀଙ୍କୁ ଯୁଗ୍ମ ସଚିବରୁ ଅତିରିକ୍ତ ସଚିବ ପାହ୍ୟାକୁ ପଦୋନ୍ନତି ଦିଆଯାଇଛି। ଶ୍ରୀମତୀ ପାଢ଼ୀ ଏବେ କେନ୍ଦ୍ର ସରକାରରେ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟରେ କାର୍ଯ୍ୟରତ ଅଛନ୍ତି। ତାଙ୍କ ଆଇଏଏସ୍ ସ୍ୱାମୀ ଅରବିନ୍ଦ ପାଢ଼ୀ ଓଡ଼ିଶା ଫେରି





ରାଜ୍ୟ କୃଷି ସଚିବ ଦାୟିତ୍ୱ ତୁଲାଉ ଥିବାରୁ ଶ୍ରୀମତୀ ପାଢ଼ୀ ମଧ ଓଡ଼ିଶା ଫେରିବେ ବୋଲି ଚର୍ଚ୍ଚା ହେଉଛି। ମାତ୍ର ଆଜିର ପଦୋନ୍ନତି ପରେ ତାଙ୍କ ଓଡ଼ିଶା ଫେରିବା ଚିତ୍ର ଅସ୍ପଷ୍ଟ ରହିଛି ।ସେହିପରି, ରାଜ୍ୟ ମତ୍ସ୍ୟ ଓ ପଶୁସମ୍ପଦ ସଚିବ ୧୯୯୭ ବ୍ୟାଚ୍ ଆଇଏଫଏସ୍ ଆର ରଘୁପ୍ରସାଦଙ୍କୁ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିଥିବାରୁ ସେ ଗତ ସପ୍ତାହରେ କେନ୍ଦ୍ରୀୟ ଡେପୁଟେସନରେ ଯାଇଛନ୍ତି । ଅନ୍ୟପକ୍ଷରେ ରାଜ୍ୟ ଗୃହ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ସଞ୍ଜୀବ ଚୋପ୍ରା ଓ ତାଙ୍କ ପତ୍ନୀ ଆଇଏଏସ୍ ରଞ୍ଜନା ଚୋପ୍ରା ଓ ଅର୍ଥ ସଚିବ ବିଶାଳ ଦେବ ମଧ କେନ୍ଦ୍ରୀୟ ଡେପୁଟେସନରେ ଯିବାର ସମ୍ଭାବନା ରହିଛି । ତେବେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଆର କେ ଶର୍ମା ଅସୁସ୍ଥ ଥିବାରୁ ଏବେ ସରକାରୀ କାର୍ଯ୍ୟରେ ଯୋଗ ଦେବା ସମ୍ଭାବନା କ୍ଷୀଣ ଥିବାବେଳେ ତାଙ୍କ ପତ୍ନୀ ଆଇଏଏସ୍ ମୋନା ଶର୍ମା ସ୍ୱେଚ୍ଛାକୃତ ଅବସର ନେବେ ବୋଲି ଚର୍ଚ୍ଚା ହେଉଛି। ଶ୍ରୀମତୀ ଶର୍ମା ଏବେ ରାଜ୍ୟ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଅଛନ୍ତି ଓ ସେ ୨୦୨୩ ମାର୍ଚ୍ଚରେ ସରକାରୀ ଚାକିରୀରୁ ଅବସର ନେବେ। ତେଣୁ ଅଧିକ ସଂଖ୍ୟକ ଆଇଏଏସଙ୍କୁ କେନ୍ଦ୍ରକୁ ଡେପୁଟେସନରେ ଯିବାପାଇଁ ରାଜ୍ୟ ସରକାର ଅନୁମତି ଦେଇ ନପାରନ୍ତି ବୋଲି ଚର୍ଚ୍ଚା ।ସୂଚନାଯୋଗ୍ୟ,ଓଡିଶା କ୍ୟାଡରର ୨ଜଣ ବରିଷ୍ଠ ଆଇଏଏସ୍ ଅରବିନ୍ଦ ପାଢ଼ୀ ଓ ଏସ୍ ଅଶ୍ୱଥି ଓଡିଶା ଫେରିବା ପରେ ରାଜ୍ୟ ସରକାର ତାଙ୍କୁ ଯଥାକ୍ରମେ କୃଷି ସଚିବ ଓ ସ୍କୁଲ ଓ ଗଣଶିକ୍ଷା ସଚିବ ଭାବେ ଅବସ୍ଥାପିତ କରିଛନ୍ତି।

### ନିଷ୍ପତି ବଦଳାଇଲେ ସରକାର : ସ୍ୱାଧୀନତା ଦିବସ ଉତ୍ସବରେ ସାମିଲ ହେବେ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୦।୮(ପି.ଏନ): ସ୍ୱାଧୀନତା ଦିବସ ଉତ୍ସବରେ ସାମିଲ ନ ହେବା ସମ୍ପର୍କିତ ପୂର୍ବବର୍ତ୍ତି ନିଷ୍ପ ତି କୁ ରାଜ୍ୟ ସରକାର ବଦଳାଇଛନ୍ତି । ଶିକ୍ଷାନୁଷ୍ଠାନରେ ହେବାକୁ ଥିବା ଉତ୍ସବରେ ଛାତ୍ରଛାତ୍ରୀ ଯୋଗ ଦେଇ ପାରିବେ ବୋଲି ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ ସୂଚନା ଦେଇଛନ୍ତି । ଛାତ୍ରଛାତ୍ରୀ ଏହି ପବିତ୍ର ଦିନରେ ସାମିଲ ହେବାକୁ ସରକାର ନିଷ୍ପ ତି ନେଇଥିବା ସେ କହିଛନ୍ତି ।ଉଲ୍ଲେଖନୀୟ ଯେ ମଙ୍ଗଳବାର ଦିନ ବିଦ୍ୟାଳୟ ଓ ଗଣ ଶିକ୍ଷା ମନ୍ତ୍ରୀ ଏ ବର୍ଷ ସ୍କୁଲରେ ଅଗଷ୍ଟ ୧୫ ପାଳନ ହେବ, କିନ୍ତୁ ପିଲା ଭାଗ ନେବେନି ବୋଲି କହିଥିଲେ । କେବଳ ଶିକ୍ଷକ ଓ ଶିକ୍ଷୟିତ୍ରୀଙ୍କ ଗହଣରେ ସ୍ୱାଧୀନତା ଦିବସ ପାଳନ କରାଯିବ ଓ କୋରନାର ଚତୁର୍ଥ ଲହରରେ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ଗାଇଡ୍ ଲାଇନ୍ ଅନୁଯାୟୀ, ସ୍ୱାଧୀନତା ଦିବସ ପାଳନ କରାଯିବ ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ ।

### ଭୁବନେଶ୍ୱରର ଟ୍ରାଫିକ ସମସ୍ୟା ସମାଧାନ ପାଇଁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ :ସ୍ଥିତି ଅନୁଧ୍ୟାନ କଲେ ଫାଇଭ ଟି ସଚିବ

ଭୁବନେଶ୍ୱର, ୧୦।୮(ପି.ଏନ): ଭୁବନେଶ୍ୱର ର ଲୋକସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି. ଗାଡ଼ି ମୋଟର ସଂଖ୍ୟା ରେ ମଧ୍ୟ ବୃଦ୍ଧି ଘଟୁଛି . ଏହା ଦ୍ୱାରା ସହରରେ ଟ୍ରାଫିକ ନିୟନ୍ତ୍ରଣ ଏକ ମୁଖ୍ୟ ସମସ୍ୟା ହୋଇଛି । ଭୁବନେଶ୍ୱର ଟ୍ରାଫିକ ବ୍ୟବସ୍ଥା ରେ ଉନ୍ନତି ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଙ୍କ ନିର୍ଦ୍ଦେଶ ରେ ରେ ଫାଇଭ ଟି ସଚିବ ଶ୍ରୀ ଭିକେ ପାଣ୍ଡିଆନ ଆଜି ବଡି ଭୋର ରୁ ଶିଶୁ ଭବନ ଛକ , ରବି ଟକିଜ ଛକ କଳ୍ପନା ଛକ, ବେହେରା ସାହି ଛକ . ରସୁଲଗଡ ଛକ, ଓ ଆଇଗିଣିଆ ଛକ ଆଦି ବୁଲି ଦେଖିବା ସହ ସ୍ଥିତି ଅନୁଧ୍ୟାନ କରିଥିଲେ ଓ ପ୍ରଶାସନ ଏବଂ ପୋଲିସ ର ବରିଷ୍ଠ ଅଧିକାରୀଙ୍କ ସହ ଟ୍ରାଫିକ ବ୍ୟବସ୍ଥା ରେ ଉନ୍ନତି ସମ୍ପର୍କରେ ଆଲୋଚନା କରିଥିଲେ । ଏହି ପରିଦର୍ଶନ ସମୟ ରେ ପୋଲିସ କମିଶନର ଶ୍ରୀ ଏସ ପ୍ରିୟଦର୍ଶୀ. ପୂର୍ତ୍ତ ସଚିବ ଶ୍ରୀ ଭି ଭି ଯାଦବ, ବିଏମସି କମିଶନର ଶ୍ରୀ କୁଳାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

## କଟକକୁ ମୁଖ୍ୟମନ୍ତ୍ରୀଙ୍କ ସୌଖୀନ ହେଲିକପ୍ଟର ଯାତ୍ରା

ଭବନେଶ୍ୱର,୧୦।୮(ପି.ଏନ): ଭୁବନେଶ୍ୱରରୁ କଟକ ହେଲିକପ୍ଟରରେ ସୌଖୀନ ଯାତ୍ରା କଲେ ମୁଖ୍ୟମନ୍ତ୍ରୀ। ମାତ୍ର ୨୦ ରୁ ୨୫ କିଲୋମିଟର ବାଟ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଦରକାର ପଡିଲା ହେଲିକପ୍ଟର। ସେଥିପାଇଁ ସ୍ୱତନ୍ତ୍ର ଭାବେ ହେଲିପ୍ୟାଡ୍ ପ୍ରସ୍ତୁତ କରାଯାଇଥିଲା।। ଏହାର ଚାରିପଟେ ମାଳମାଳ କର୍ମୀ ଓ ନେତାଙ୍କ ସହ ବାଜାବାଣ ରୋଷଣୀର ଆୟୋଜନ କରାଯାଇଥିଲା ।ଆଉ ନବୀନ ନିବାସରୁ ବାହାରି ବିଜୁ ପଟ୍ଟନାୟକ ଏୟାରପୋର୍ଟରୁ ସରକାରୀ ହେଲିକପ୍ଟରରେ ମୁଖ୍ୟମନ୍ତ୍ରୀ ବସି ମାତ୍ର ୧୦ ମିନିଟ୍ ?ରୁ କମ୍ ସମୟରେ ପହଁଚି ଯାଇଥିଲେ ଭୁବନେଶ୍ୱର-କଟକ ଦ୍ୱ ?ତନଗରୀର ଅଂଶବିଶେଷ କଟକ ଇନ୍ ?ଡୋର ଷ୍ଟାଡିୟମରେ। ନୈନିକ ଖବର କାଗଜ ପ୍ରଜାତନ୍ତ୍ରର ୭୫ତମ ବର୍ଷପୂର୍ତ୍ତିର ଏକ ଘରୋଇ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଏହି ସୌଖୀନ ସରକାରୀ ଯାତ୍ରା ନେଇ ଅନେକ ଲୋକ ଆଶ୍ଚର୍ଯ୍ୟ ପ୍ରକଟ କରିବା ସ୍ୱାଭାବିକ।୨୦୨୨ ଅଗଷ୍ଟ ୮ ତାରିଖ ସୋମବାର ସେହି ସମାନ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ମଧ୍ୟ



କଟକ ଯାଇଥିଲେ। ଭୁବନେଶ୍ୱରରୁ କଟକ ପର୍ଯ୍ୟନ୍ତ ଅମିତ ଶାହ ରୋଡରେ ହିଁ ଗଲେ। ପ୍ରୋଟୋକଲ ଅନୁଯାୟୀ ରାଜ୍ୟ ପୁଲିସ ପକ୍ଷରୁ ତାଙ୍କ ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ମଧ କରାଯାଇଥିଲା। କିନ୍ତୁ ଖୋଦ୍ ରାଜ୍ୟର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୁରକ୍ଷା ଭୟରେ ହେଲିକପ୍ଟରରେ ଗଲେ। କଥାଟି ହଜମ କରିବାକୁ କଷ୍ଟ ଲାଗିପାରେ। ଭୁବନେଶ୍ୱର- କଟକରେ କମିଶନରେଟ ପୁଲିସର ଟିମ୍ ସହ ତାଙ୍କ ଅଧୀନରେ ରହିଛି ଗୋଟିଏ ସ୍ୱସିଆଲ୍ ସିକ୍ୟୁଟିଟି ବାଟାଲିୟନ୍। ଏହା ଛଡା ଓଡିଶା ସରକାରଙ୍କ ଅଧୀନରେ ରହିଛି ୮ଟି ଓଏସଏପି ବାଟାଲିୟନ, ୪ଟି ଓଏସଏପିର ସ୍ୱସିଆଲ୍ ସିକ୍ୟୁରିଟି ବାଟାଲିୟନ୍, ୬ଟି ଇଣ୍ଡିଆନ୍ ରିଜର୍ଭ ବାଟାଲିୟନ ଓ ୩ଟି ସ୍ୱ ?ସିଆଲାଇଜ୍ଡ ଇଣ୍ଡିଆନ୍ ରିଜର୍ଭ ବାଟାଲିୟନ। ନବୀନ ପଟ୍ଟନାୟକ ଦୀର୍ଘ ୨୨ ବର୍ଷ ହେଲା ମୁଖ୍ୟମନ୍ତ୍ରୀ ସହ ଗୃହ ବିଭାଗର ମୁଖିଆ ଅଛନ୍ତି। କିନ୍ତୁ ଭୁବନେଶ୍ୱରରୁ- କଟକ ମାତ୍ର ୨୫ କିଲୋମିଟର ରାସ୍ତା ଯିବା ପାଇଁ ସେ ବୋଧହୁଏ ଏହିସବୁ ରିଜର୍ଭ ପୁଲିସ ବଳ ଉପରେ ଭରସା କରିପାରିଲେ ନାହିଁ। ତେଣୁ ରାଜ୍ୟ ରାଜକୋଷରୁ ଲକ୍ଷ୍ୟାଧିକ ଟଙ୍କା ଖର୍ଚ୍ଚ କରି ହେଲିକପ୍ଟରରେ ଏକ ଘରୋଇ କାର୍ଯ୍ୟକ୍ରମରେ ଯୋଗ ଦେବା ପାଇଁ କଟକ ଗଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ।ବିଗତ ଦିନଗୁଡିକରେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କର ଏହିପରି ସୌଖୀନ ହେଲିକପ୍ଟର ଯାତ୍ରାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ସୂଚନା ଅଧିକାର ଆଇନ୍ ଦ୍ୱାରା ମିଳିଥିବା ତଥ୍ୟ କହୁଛି, ୨୦୧୧-୧୫ ମଧ୍ୟରେ ୫ ବର୍ଷରେ କେବଳ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଯାତ୍ରାରେ ଖର୍ଚ୍ଚ ହୋଇଛି ୨୩ କୋଟି ଟଙ୍କା। ଗସ୍ତ ବାବଦକୁ ଡେକାନ ଚାର୍ଟର ପ୍ରାଇଭେଟ୍ ଲିମିଟେଡ୍ ?କୁ ଏହି ଅର୍ଥ ପ୍ରଦାନ କରାଯାଇଥିଲା ।ସେହିପରି ବିଧାନସଭାରେ ତତ୍କାଳୀନ ବିଜେପି ବିଧାୟକ ଦିଲ୍ଲୀପ ରାୟଙ୍କ ପ୍ରଶ୍ନରେ ସଂସଦୀୟ ବ୍ୟାପାର ମନ୍ତ୍ରୀ ବିକ୍ରମ ଆରୁଖ ଦେଇଥିବା ଲିଖିତ ଉତ୍ତର ଅନୁଯାୟୀ ୨୦୧୫ରୁ ୨୦୧୭ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋଟ୍ ୧୦୪ ଥର ହେଲିକପ୍ଟରରେ ଯାତ୍ରା କରିଥିଲେ ଏବଂ ସେଥିରୁ ଓଡିଶା ବାହାରକୁ ମାତ୍ର ୨୦ ଥର ଯାଇଥିଲେ। ଆଉ ଏଥିପାଇଁ ରାଜ୍ୟ ରାଜକୋଷରୁ ଖର୍ଚ୍ଚ ହୋଇଥିଲା ମୋଟ୍ ୨୨.୫୫ କୋଟି ଟଙ୍କା ।ଏ ସବୁ ଗସ୍ତର ମୋଟ ଖର୍ଚ୍ଚକୁ ବିରୋଧୀ ପ୍ରଶ୍ନ ଉଠାଇବା ପରେ ଏବେ ମୁଖ୍ୟମନ୍ତ୍ରୀଙ୍କ ଏହି ସୌଖୀନ ଖର୍ଚ୍ଚର କୌଣସି ଚିଠା ନା ବିଧାନସଭାରେ ପ୍ରଦାନ କରାଯାଉଛି ନା ସୂଚନା ଅଧିକାର ଆଇନ ବଳରେ ମିଳୁଛି ।ଏ ସବୁ ପରେ ବି ସବୁଠାରୁ ବଡ କଥା ହେଲା, ପ୍ରଜାତନ୍ତ୍ରର କାର୍ଯ୍ୟକ୍ରମ କଟକର କଟକ ଇଣ୍ଡୋର ଷ୍ଟାଡିୟମରେ ଆୟୋଜନ କରାଯାଇଥିଲା। ସେଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ହେଲିପ୍ୟାଡ୍ କଟକ ବାରବାଟୀ ଗେଟ୍ ? ସମ୍ମୁଖରେ ହିଁ ନିର୍ମାଣ କରାଯାଇଥିଲା। ବାରବାଟୀ ଦୁର୍ଗ ଓଡିଶାର ଅନ୍ୟତମ ଐତିହ୍ୟ। ପ୍ରାଚୀନ କିର୍ତ୍ତୀରାଜି ଭାବେ ଏହା ପ୍ରତ୍ନତତ୍ତ୍ୱ ସର୍ବ ?କ୍ଷଣ ସଂସ୍ଥାର ସୁରକ୍ଷା ବଳୟ ମଧ୍ୟରେ ରହିଛି। ୨୦୧୬ ଫେବୃୟାରୀରେ କଟକକୁ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଗସ୍ତକୁ ନେଇ ଏହି କାରଣରୁ ପ୍ରଶ୍ନ ଉଠିଥିଲା। ସେତେବେଳେ ମଧ ଏହି ଆଇନ ଉଲଙ୍ଘନ ନେଇ ଅଭିଯୋଗ କରିଥିଲେ ଐତିହ୍ୟ କର୍ମୀ ଓ ପରିବେଶବିତ୍। ତେବେ ସେଥର ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଦୁର୍ଗ ଭିତରେ ଅବତରଣ କରିଥିଲା। ଏଥର ତାହା ଦୁର୍ଗ ବାହାରେ ଗେଟ୍ ? ପାଖରେ ଓହ୍ଲାଇଛି। ପ୍ରାଚୀନ କିର୍ତ୍ତୀରାଜି ସଂରକ୍ଷଣ ଆଇନ୍ ୧୯୦୪ ଏବଂ ଓଡିଶା ପ୍ରାଚୀନ କିର୍ତ୍ତୀରାଜି ସଂରକ୍ଷଣ ଆଇନ୍ ୧୯୫୬ ଅନୁସାରେ ଅନେକ ପ୍ରାଚୀନ କିର୍ତ୍ତୀରାଜି ଉପରେ ହେଲିକପ୍ଟର ଉଡାଣ ନେଇ କିଛି କିଛି କଟକଣା ରହିଛି। ଏଠାରେ ସେହି ପ୍ରଶ୍ନ ଉଠୁ ନଥିଲେ ମଧ ସାଧାରଣ କରଦାତାଙ୍କ ଅର୍ଥରେ ମୁଖ୍ୟମନ୍ତ୍ରୀଙ୍କ ଏହି ସୌଖୀନ ହେଲିକପ୍ଟର ଯାତ୍ରା କାହା ସ୍ୱାର୍ଥରେ ?

### ସଂଳାପ ଲେଖକ ରଣଜିତ୍ ପଟ୍ଟନାୟକ ଆଉ ନାହାନ୍ତି

ଭୁବନେଶ୍ୱର ,୧୦।୮(ପି.ଏନ): ଓଡ଼ିଆ ଚଳଚ୍ଚିତ୍ର ସଂଳାପ ଲେଖକ ରଣଜିତ୍ ପଟ୍ଟନାୟକ ଆଉ ନାହାନ୍ତି । ୬୫ ବର୍ଷ ବୟସରେ କଟକ ସିଡିଏ ସ୍ଥିତ ବାସଭବନରେ ତାଙ୍କର ଦେହାନ୍ତ ହୋଇଛି । ଦୀର୍ଘ ଦିନ ହେବ ସେ କିଡନୀ ଜନିତ ରୋଗରେ ପୀଡିତ ଥିଲେ । ଓଡିଆ ଫିଲ୍ମ ସହ ସେ ଅନେକ ମେଗା ସିରିଏଲରେ ସଂଳାପ ରଚନା କରିଛନ୍ତି । ତାଙ୍କ ବିୟୋଗରେ ଚଳଚ୍ଚିତ୍ର ଓ ନାଟ୍ୟ ଜଗତରେ ଶୋକର ଛାୟା ଖେଳି ଯାଇଛି ।ସେ ଜଣେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ନାଟ୍ୟ ଅଭିନେତା, ନାଟ୍ୟ ସଙ୍ଗଠକ, ସାହିତ୍ୟ ଓ ସଙ୍ଗୀତ ସାଧକ ଥିଲେ । ଫିଲ୍ମରେ ସଂଳାପ ଲେଖିଥିବା ବେଳେ ବହୁ ଓଡ଼ିଆ ନାଟକ ସହ ଟେଲି ସିରିଏଲରେ ସେ ସଂଳାପ ରଚନା କରିଥିଲେ।

## ୧୩ ବେଳକୁ ଆଉ ଏକ ଲଘୁଚାପ !

ଭୁବନେଶ୍ୱର, ୧୦।୮(ପି.ଏନ): ଗତକାଲିର ଅବପାତ ଛତିଶଗଡ ଏବଂ ପାର୍ଶ୍ୱବର୍ତୀ ପୂର୍ବ ମଧ୍ୟପ୍ରଦେଶ ଉପରେ ଦୁର୍ବଳ ହୋଇ ଗୋଟିଏ ସୁଦୃଶ୍ୟ-ଲଘୁଚାପ କ୍ଷେତ୍ର ଭାବେ ସକ୍ରିୟ ରହିଛି। ଅପରପକ୍ଷରେ ଆସନ୍ତା ୧୩ ଅଗଷ୍ଟ ବେଳକୁ ଉତର ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ସୃଷ୍ଟି ହେବାର ପରବର୍ତୀ ୨୪ ଘଂଟାରେ ଏହା ଆହୁରି ଘନୀଭୂତ ହେବା ସହ ପଶ୍ଚିମ-ଉତର ପଶ୍ଚିମ ଦିଗରେ ଗତି କରିବାର ସମ୍ଭାବନା ରହିଛି। ଏହାର ପ୍ରଭାବରେ ଆସନ୍ତା ୫ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ସୁନ୍ଦରଗଡ, ମୟୁରଭଂଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତସିଂହପୁର, କଟକ , ଢେଙ୍କାନାଳ ଓ କେନ୍ଦୁଝର ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସବୁ ଜିଲ୍ଲାଗୁଡିକୁ ଅରେଂଜ ୱାର୍ଣ୍ଣିଂ ଜାରି କରାଯାଇଛି।






## ଟି ଟାଇମ୍

# ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

# ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ସ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।



# ଆଜିର ଭାଗ୍ୟ

**ମେଷ** – କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** – ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** – କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** – ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** – ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** – ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** – ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** – ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** – ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** – କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** – ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** – କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆଡ୍ରସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ'୍ ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧ୍ୟାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧ୍ୟାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧ୍ୟାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧ୍ୟାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧ୍ୟାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

# 'ବବି ଜାସୁସ୍'ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ 'ବବି ଜାସୁସ୍'। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।




# ରକ୍ଷାବନ୍ଧନର ଉଦ୍ଦେଶ୍ୟ



ରକ୍ଷାବନ୍ଧନ ଏକ ସ୍ୱତନ୍ତ୍ର, ଈଶ୍ୱରୀୟ ବନ୍ଧନର ପ୍ରତୀକ। ଭକ୍ତକବି ମଧୁସୂଦନ ରାଓ ଯଥାର୍ଥରେ ଲେଖିଥିଲେ, "ସରଗ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର।" ଏମିତି ଏକ ସ୍ନେହ ଶ୍ରଦ୍ଧାର ବାର୍ତ୍ତା ନେଇ ପ୍ରତି ବର୍ଷ ଶ୍ରାବଣ ମାସରେ ଆସିଥାଏ ରାକ୍ଷୀ ପୂର୍ଣ୍ଣିମା। ଭାଇ ଓ ଭଉଣୀ ଭିତରେ ସମ୍ପର୍କ ଅତି ମହାନ୍ ଓ ପବିତ୍ର। ସମ୍ପର୍କର ଏହି ମହାନତା ଓ ପବିତ୍ରତାକୁ ପ୍ରତ୍ୟାସ୍ମରଣ କରାଇଦେବା ସଙ୍ଗେ ସଙ୍ଗେ ନାରୀଜାତିର ସୁରକ୍ଷା ବିଷୟରେ ସମଗ୍ର ମାନବ ସମାଜକୁ ସଚେତନ କରାଇଦିଏ ଶ୍ରାବଣ ପୂର୍ଣ୍ଣିମାର ଏହି ରକ୍ଷାବନ୍ଧନ ପର୍ବ। ଭ୍ରାତା ଭାବରେ ଭଗ୍ନୀର ରକ୍ଷା, ଭକ୍ତ ଭାବରେ ପ୍ରଭୁଙ୍କ ରକ୍ଷା, ପୁତ୍ର ଭାବେ ପିତାମାତାଙ୍କର, ପତ୍ନୀ ଭାବେ ପତିର ରକ୍ଷା, ପତି ଭାବେ ପତ୍ନୀର ରକ୍ଷା ପ୍ରଭୃତି ଅନେକ ସମ୍ବନ୍ଧ ସହ ନାଗରିକ ଭାବେ ରାଷ୍ଟ୍ରର ତଥା ମାନବ ଭାବେ ମାନବିକତାର ରକ୍ଷା ପାଇଁ ପ୍ରତିଜ୍ଞା ସୂତ୍ରରେ ବାନ୍ଧି ହେବାକୁ ରକ୍ଷା ବନ୍ଧନ କୁହାଯାଏ। ଛୋଟ କାହାଣୀଟିଏ।





ଟିକି ପିଲାଟିଏ ଖେଳୁଥିବା ବେଳେ ହଠାତ୍ ତା' ପୋଷାକର ବୋତାମ ଛିଣ୍ଡିଗଲା। ପିଲାଟି ଦୌଡ଼ି ଦୌଡ଼ି ନିଜ ବାପାଙ୍କ ପାଖକୁ ଯାଇ ବୋତାମଟିକୁ ପୁନଃ ଲଗାଇଦେବାକୁ କହିଲା। ପିଲାଟିର ବାପା ଜଣେ ଦର୍ଜି ଥିଲେ। ନିଜ ପଗଡ଼ିରେ ଖୋସା ହୋଇଥିବା ଛୁଞ୍ଚିଟିକୁ ବାହାର କରି ପୁଅର ପୋଷାକରେ ବୋତାମ ଲଗାଇଦେଲେ ଏବଂ ନିଜେ ବସିଥିବା ଆସନରୁ କଇଁଚି ବାହାର କରି ବଳକା ସୂତାଟିକୁ କାଟିଦେଲେ। ପିଲାଟି ଧ୍ୟାନର ସହ ଦେଖୁଥିଲା। ଶେଷରେ ବାପାଙ୍କୁ ପଚାରିଲା, "ବାବା ଆପଣ ଛୁଞ୍ଚିକୁ ଏତେ ଇଜ୍ଜତରେ ମୁଣ୍ଡ ପଗଡ଼ିରେ ରଖୁଛନ୍ତି, ହେଲେ କଇଁଚିକୁ କାହିଁକି ଆସନ ତଳେ ରଖୁଛନ୍ତି ?" ପୁଅର ପ୍ରଶ୍ନ ଶୁଣି ବାପା କହିଲେ, "ଛୁଞ୍ଚି ସର୍ବଦା ଯୋଡ଼ିବାର କାମ କରେ, କିନ୍ତୁ କଇଁଚି କାଟିବାର କାମ କରେ। ତେଣୁ ଛୁଞ୍ଚିକୁ ଉଚ୍ଚ ସ୍ଥାନ ଦେବା ଉଚିତ। ସେଥିପାଇଁ ଯେଉଁ ବ୍ୟକ୍ତି ସମ୍ପର୍କକୁ ଯୋଡ଼ିବାରେ ସହାୟକ ହୁଏ, ତାକୁ ସର୍ବଦା ସମ୍ମାନ ଦେବା ଉଚିତ।"

ଠିକ୍ ସେହିପରି ରାକ୍ଷୀ ପୂର୍ଣ୍ଣିମାର ରାକ୍ଷୀ। ମନାନ୍ତର, ମତାନ୍ତର, ତିକ୍ତତା ଓ ବୈରଭାବକୁ ଦୂର କରି ଏହା ସ୍ନେହ, ଶ୍ରଦ୍ଧା, ମମତାର ପବିତ୍ର ବନ୍ଧନରେ ବାନ୍ଧିଦିଏ ବିଶ୍ୱକୁ। ପ୍ରତ୍ୟେକଙ୍କ ଜୀବନରେ ଲଗାମ ରହିବା ଉଚିତ। ଲଗାମବିହୀନ ଜୀବନର ଅନ୍ତିମ ପରିଣତି ଅତ୍ୟନ୍ତ ଦୁଃଖଦ ଓ ଭୟାବହ। ବର୍ତ୍ତମାନ ସମୟରେ ପ୍ରତ୍ୟେକ ମଣିଷ ପଞ୍ଚବିକାରରେ ଜଡ଼ିତ ଥିବା ଯୋଗୁ ଦୁଃଖ ଓ ଅଶାନ୍ତିରେ କାଳାତିପାତ କରୁଛି। ସେ ଖୋଜି ଖୋଜି ଥକି ଯାଉଛି ସୁଖ, ଶାନ୍ତିର ରାହା। ଶରୀରର ସୁରକ୍ଷା, ଧର୍ମର ରକ୍ଷା, ସତୀତ୍ୱ ବା ପବିତ୍ରତାର ରକ୍ଷା, କାଳ ବା ମାୟାର ବିଘ୍ନରୁ ରକ୍ଷା, ଏ ମଣିଷ ଚାହେଁ। ଏହି ସବୁଥିରୁ ରକ୍ଷା ପାଇବା ପାଇଁ ମନୁଷ୍ୟକୁ ତା ମନ, ବୁଦ୍ଧି ଓ ଚୈତନ୍ୟକୁ ଈଶ୍ୱରଙ୍କ ବନ୍ଧନରେ, ବାନ୍ଧିବାକୁ ପଡ଼ିବ। ଏହାକୁ ହିଁ କୁହାଯାଏ ଈଶ୍ୱରୀୟ ବନ୍ଧନ। ରକ୍ଷାବନ୍ଧନ ଏକ ଧାର୍ମିକ ବା ପବିତ୍ରତାର ବନ୍ଧନ। ଈଶ୍ୱରଙ୍କ ପ୍ରତି



ଥିବା ଅନନ୍ୟ ପ୍ରେମର ଏହା ଏକ ସୁଖଦ ବନ୍ଧନ। ଯେପରି ଅଙ୍କୁଶ ଦ୍ୱାରା ହାତୀ, ଲଗାମ ଦ୍ୱାରା ଘୋଡ଼ା, ନଥ ଦ୍ୱାରା ବଳଦକୁ ନିୟନ୍ତ୍ରଣ କରାଯାଇଥାଏ, ସେହିପରି ଜୀବନ ଈଶ୍ୱରୀୟ ମର୍ଯ୍ୟାଦାରୂପୀ ବନ୍ଧନରେ ବାନ୍ଧିହେଲେ ପଞ୍ଚବିକାର ଉପରେ ବିଜୟ ହାସଲ କରେ ମଣିଷ। ଧର୍ମର ଅର୍ଥ ଧାରଣ କରିବା। ଯିଏ ଧର୍ମର ରକ୍ଷା କରେ, ଧର୍ମ ମଧ୍ୟ ତାହାର ରକ୍ଷାକରେ। ଯାହାର ମନ, ବଚନ ଓ କର୍ମରେ ପବିତ୍ରତା ରହେ, ତାହାର ରକ୍ଷା ତାହାର ସ୍ୱକର୍ମ ହିଁ କରାଇଥାଏ। ଏହାହିଁ ସର୍ବଶ୍ରେଷ୍ଠ ମର୍ଯ୍ୟାଦା ଅଟେ।

ଏହି 'ରକ୍ଷା ବନ୍ଧନ'କୁ କେହି କେହି 'ବିଷତୋଡ଼କ ପର୍ବ' ବା 'ପୂଣ୍ୟ ପ୍ରଦାୟକ ପର୍ବ' ବୋଲି କହିଥାନ୍ତି। ଅଧର୍ମ, ଅନ୍ୟାୟ, ଅସତ୍ୟ, ଅଜ୍ଞାନତାର ବିନାଶ କରି ଧର୍ମର ପ୍ରତିଷ୍ଠା କରିବାକୁ ସ୍ୱୟଂ ଭଗବାନ ସର୍ବ ଆତ୍ମାମାନଙ୍କର ପିତା ଯୁଗେ ଯୁଗେ ଧରାବତରଣ କରି ଈଶ୍ୱରୀୟ ମର୍ଯ୍ୟାଦା ରୂପକ ରକ୍ଷାସୂତ୍ର ପ୍ରଦାନ କରନ୍ତି।

ଦୁଇଟି ରେଶମୀ ଡୋରୀରେ ଚିକ୍‌ମିକ୍ ଭେଲଭେଟ୍ କପଡ଼ାରେ ତିଆରି ହୋଇଥିବା ଆକର୍ଷଣୀୟ କାରୁକାର୍ଯ୍ୟଭରା ରାକ୍ଷୀର ମଝିଅଂଶ (ମୌଳି) ହେଉଛି ପରାମାତ୍ମାଙ୍କ ପ୍ରତୀକ। ଏହାର ଉଭୟ ପାର୍ଶ୍ୱକୁ ଲମ୍ବିଥିବା ଦୁଇଟି ସୂତା ବା ଡୋରୀ ହେଲା ଜ୍ଞାନ ଓ ଯୋଗର ଦ୍ୟୋତକ। ଜ୍ଞାନ ଦ୍ୱାରା ମଣିଷ ପରମାତ୍ମାଙ୍କୁ ଜାଣେ। ଯୋଗ ଦ୍ୱାରା ପଞ୍ଚବିକାରମୁକ୍ତ ହୋଇ ତାଙ୍କ ଉପସ୍ଥିତିକୁ ଅନୁଭବ କରିବା ସଙ୍ଗେ ସଙ୍ଗେ ପରମାତ୍ମାଙ୍କ ଆଶୀର୍ବାଦ ପାଇବାକୁ ଯୋଗ୍ୟ ହୁଏ। ଏହିପରି ଭାବରେ ଜ୍ଞାନ ଓ ଯୋଗ ରୂପକ ରକ୍ଷାସୂତ୍ର ଦ୍ୱୟ ମନୁଷ୍ୟକୁ ପରମାତ୍ମାଙ୍କ ସହ ସ୍ନେହ ବନ୍ଧନରେ ଆବଦ୍ଧ କରେ। ଦୁଇ ଭ୍ରୂଲତା ମଧ୍ୟ ଭାଗରେ ଲଗାଯାଉଥିବା ତିଳକ ହେଲା ଆତ୍ମସ୍ମୃତିର ତିଳକ। ଆତ୍ମିକ ସ୍ମୃତି ବିନା ପରମାତ୍ମା ସ୍ମୃତି ଅସମ୍ଭବ।



ରକ୍ଷାବନ୍ଧନରେ ଉପହାର ଦେବାର ପରମ୍ପରା ପଛରେ ମଧ୍ୟ ଏକ ମହତ୍ ଉଦ୍ଦେଶ୍ୟ ସନ୍ନିହିତ। ଏଠାରେ କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ ଆଦିକୁ ପରମାତ୍ମାଙ୍କୁ ଦେଇଦେବାର କଥା କୁହାଯାଇଛି। ବିକାର ରହିଲେ ଦେହ ଅଭିମାନ ରହିବ, ଦେହ ଅଭିମାନ ରହିଲେ ଜଣେ ବ୍ୟକ୍ତି ମାୟାର ବନ୍ଧନରୁ ବା ବିଷୟାବିଷର ବନ୍ଧନରୁ ମୁକ୍ତ ହୋଇପାରିବ ନାହିଁ। ମିଠା ଖାଇବାର କଥା ଭିତରେ ମଧ୍ୟ ଏକ ମିଠା ସନ୍ଦେଶ ରହିଛି। ମିଠା ଖୁଆଇବା ଓ ମିଠା ଖାଇବା ଜୀବନର ବ୍ରତ ହେବା ଆବଶ୍ୟକ। ଅର୍ଥାତ୍ ମିଠା ତଥା ମଧୁର ସମ୍ଭାଷଣରେ ସମସ୍ତେ ସନ୍ତୁଷ୍ଟ ହୁଅନ୍ତି, ସମ୍ପର୍କ ଦୃଢ଼ ହୁଏ। ସେଥିପାଇଁ ସଂସ୍କୃତରେ କୁହାଯାଇଛି–

*"ପ୍ରିୟବାକ୍ୟପ୍ରଦାନେନ ସର୍ବେ ତୁଷ୍ୟନ୍ତି ଯନ୍ତବଃ*
*ତସ୍ମାତ୍‌ତଦେବ ବକ୍ତବ୍ୟଂ ବଚନେ କୋ ଦରିଦ୍ରତା।"*

ପବିତ୍ରତା ହିଁ ସୁଖ ଶାନ୍ତିର ଜନନୀ। ତେଣୁ ସମ୍ପୂର୍ଣ୍ଣ ପବିତ୍ର ରହି ମଧୁର ବାଣୀରୂପୀ ଅବିନାଶୀ ମିଷ୍ଟାନ୍ନ ବଣ୍ଟନ କରି, ମସ୍ତକରେ ଆତ୍ମସ୍ମୃତିର ଅବିନାଶୀ ତିଳକ ଲଗାଇ, ସଦା ଈଶ୍ୱରୀୟ ସ୍ମୃତିରେ ରହି ଜଗତର କଲ୍ୟାଣ କାମନା କରିବା ହେଉ ଆମ ଜୀବନର କର୍ମ ଓ ଧର୍ମ।

**ଡ. ପ୍ରତିଭା ମହାରଥୀ,** ଖାରବେଳନଗର, ୟୁନିଟ୍-୩, ଭୁବନେଶ୍ୱର, ମୋ-୯୪୩୭୦୩୬୮୦୯

## ପିସିସି ପକ୍ଷରୁ କ୍ରାନ୍ତି ଦିବସ ପାଳିତ

ଭୁବନେଶ୍ୱର (ପିଏନ୍)-ଗତକାଲି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପବିତ୍ର କ୍ରାନ୍ତି ଦିବସ କଂଗ୍ରେସ ଭବନ, ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଏବଂ ଏଆଇସିସି ସଂପାଦକ ଶ୍ରୀ ଜି. ରୁଦ୍ର ରାଜୁଙ୍କ ସମେତ କଂଗ୍ରେସ ନେତୃବୃନ୍ଦ କଂଗ୍ରେସ ଭବନଠାରେ ମହାମନିଷୀମାନଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ କଳ୍ପନା ଛକ ନିକଟସ୍ଥ ମ୍ୟୁଜିୟମ ସମ୍ମୁଖରେ ଥିବା ଶହୀଦ ସ୍ମୃତି ସ୍ତମ୍ଭରେ ଶ୍ରୀ ପଟ୍ଟନାୟକ ଏବଂ ଅନ୍ୟ ନେତୃବୃନ୍ଦ ପିସିସି ପକ୍ଷରୁ ମାଲ୍ୟାର୍ପଣ କରିଥିଲେ। ସେଠାରେ ବିଧାୟକ ଶ୍ରୀ ସୁରେଶ କୁମାର ରାଉତରାୟଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତିସଭାରେ କଂଗ୍ରେସ ନେତୃବୃନ୍ଦ ଅଗଷ୍ଟ ୯ କ୍ରାନ୍ତି ଦିବସକୁ ତ୍ୟାଗ ଓ ବଳିଦାନର ଦିବସ ଭାବେ ଅଭିହିତ କରିଥିଲେ। କଂଗ୍ରେସର ଅବଦାନକୁ ଆଜିର ଯୁବସମାଜ ସ୍ମରଣ କରି ଦେଶ ଓ ଗଣତନ୍ତ୍ରକୁ ସୁରକ୍ଷିତ କରିବାପାଇଁ ଆଗେଇ ଆସିବାକୁ ବକ୍ତାମାନେ ଆହ୍ୱାନ ଦେଇଥିଲେ। ଗତକାଲିର ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ସର୍ବଶ୍ରୀ ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ଯଜ୍ଞେଶ୍ୱର ବାବୁ, ଶୁଭେନ୍ଦୁ ମହାନ୍ତି, ଡ. ଲଲାଟେନ୍ଦୁ ମହାପାତ୍ର, କିଶୋର ଜେନା, ମନୋରଂଜନ ଦାଶ, ଚିନ୍ମୟ ସୁନ୍ଦର ଦାସ, ମାନସ ଆଚାର୍ଯ୍ୟ, ଅମୀୟ ପଟ୍ଟନାୟକ, ଲୋକନାଥ ମହାରଥି, ହଳଧର ସେଠୀ, ରଜନୀ ମହାନ୍ତି, ଜ୍ୟୋତିଷ ସାହୁ, ନରୋତମ ନାୟକ, ନିରଂଜନ ନାୟକ, ଜ୍ଞାନଦେବ ବେଉରା, ଜିଆଉଲ ହକ, ତ୍ରିଲୋଚନ ମହାନ୍ତି, ମିହିର ଆଚାର୍ଯ୍ୟ, ରସିକ ପଟ୍ଟନାୟକ, ଏମଡି ଶାହାଦୁଲ୍ଲା, ସ୍ୱାଧୀନବାଳା ଦାସ, କୁସୁମ ପ୍ରଧାନ, ସ୍ନେହଲତା ରାୟ, ଶ୍ରିୟାସ୍ମିତା ପଣ୍ଡା, ମଧୁସ୍ମିତା ଆଚାର୍ଯ୍ୟ, ସୁଶ୍ରୀ କଳ୍ପନା ରାଉତରାୟ, ବେଣୁଧର ପାତ୍ର, ତରୁଣ ମିଶ୍ର, ଆଲୋକ ମହାନ୍ତି, ଜାନକୀ ମଲ୍ଲିକ, ଜୟକୃଷ୍ଣ ସୁବୁଦ୍ଧି, ଜୟକୃଷ୍ଣ ମଲ୍ଲିଆ, ଶ୍ରୀନିବାସ ରାଉତରାୟ, କୈଳାସ ସାହୁ, ତାପସ ସେଠୀ, ସୁଭାଷ ପ୍ରଧାନ, କୁଳମଣି ସାହୁ, ଝୁଲିଆ ବାରିକ ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ଅବପାତ, ଲଘୁଚାପ ଓ ପାଣିପାଗ ଆକଳନ

ଉତ୍ତର ବଙ୍ଗୋପସାଗର, ଓଡ଼ିଶା ଉପକୂଳରେ ସୃଷ୍ଟି ହୋଇଥିବା ଲଘୁଚାପ ମଙ୍ଗଳବାର ଅବପାତରେ ପରିଣତ ହୋଇଛି। ଏହା ଓଡ଼ିଶା ଉପକୂଳ ୨୦.୮ ଡିଗ୍ରୀ ଉତ୍ତର ଅକ୍ଷାଂଶ ଏବଂ ୮୫.୬ ଡିଗ୍ରୀ ପୂର୍ବ ଦ୍ରାଘିମା ନିକଟରେ ଭୁବନେଶ୍ୱରଠାରୁ ଉତ୍ତର-ଉତ୍ତର ପଶ୍ଚିମ ଦିଗରେ କେନ୍ଦ୍ରୀଭୂତ ହୋଇଛି। ଏହା ଧୀରେ ଧୀରେ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରି ଦୁର୍ବଳ ହେବା ସମ୍ଭାବନା ରହିଛି। ଲଘୁଚାପ ଯୋଗୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି। ଏଥିଯୋଗୁଁ ଆସନ୍ତା ୧୨ଘଣ୍ଟା ରାଜ୍ୟର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଏ ନେଇ ରେଡ୍‌ୱାର୍ଣ୍ଣିଂ ଜାରି କରାଯାଇଛି।

ମୌସୁମୀ ୪ ମାସର ପ୍ରଥମାର୍ଦ୍ଧ ଶେଷ ହୋଇଛି। ସୋମବାର ଆଇଏମଡ଼ି ପକ୍ଷରୁ ଶେଷାର୍ଦ୍ଧ ଅର୍ଥାତ୍ ଅଗଷ୍ଟ ଓ ସେପ୍ଟେମ୍ବର ମାସ ପାଇଁ ମୌସୁମୀ ଆକଳନ ଜାରି କରାଯାଇଛି। ବିଭାଗ ପକ୍ଷରୁ ଅଗଷ୍ଟ ମାସ ପାଇଁ ଜାରି ହୋଇଥିବା ଆକଳନରେ ଚଳିତ ବର୍ଷ ରାଜ୍ୟରେ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି ଆକଳନ କରାଯାଇଛି। ଯାହାକୁ ରାଜ୍ୟବାସୀ ଗ୍ରହଣ କରିବେ କି ନାହିଁ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। କାରଣ ଦୁଇ ମାସ ହେବ ଆଇଏମଡି ପକ୍ଷରୁ ଓଡ଼ିଶା ପାଇଁ କରାଯାଉଥିବା ମୌସୁମୀ ଆକଳନ ସମ୍ପୂର୍ଣ୍ଣ ଭୁଲ ପ୍ରମାଣିତ ହେଉଥିବାର ଖବର ପ୍ରକାଶ ପାଉଛି। ଜୁନ ଓ ଜୁଲାଇ ମାସ ପାଇଁ ଆଇଏମଡି ଯେଉଁ ଆକଳନ କରିଥିଲା ମୌସୁମୀ ଏହାର ଓଲଟା ଆଚରଣ ଦେଖାଯାଇଛି। ତେଣୁ ଅଗଷ୍ଟ-ସେପ୍ଟେମ୍ବର ପାଇଁ ବିଭାଗ ଜାରି କରିଥିବା ଆକଳନ କେତେକାଂଶରେ ସତ ହେବ, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ବିଜ୍ଞାନପ୍ରଦତ୍ତ କାରଣ ହେଉଛି ବାୟୁମଣ୍ଡଳରେ ଶୀଘ୍ର ପରିବର୍ତ୍ତନ ହେତୁ ପାଣିପାଗ ଆକଳନ କରିବା କଷ୍ଟକର ହୋଇପଡୁଛି। ଯାହାକି ପୂର୍ବାନୁମାନରେ କଷ୍ଟସାଧ ହେଉଛି। ତେବେ କିଛି ମଡେଲକୁ ଛାଡ଼ିଦେଲେ ଅନ୍ୟମାନେ ବାରମ୍ବାର ନିଜର ମତ ବଦଳାଉଛନ୍ତି। ଯାହାଦ୍ୱାରା ଆକଳନକାରୀଙ୍କ ପାଇଁ ଏହା ଏକ ବଡ଼ ଆହ୍ୱାନ ହୋଇପଡ଼ିଛି। ତେଣୁ ଆଗାମୀ ଦିନରେ ଏ ଦିଗରେ ଗବେଷଣା ଅଧିକ କରିବା ଆବଶ୍ୟକ ହୋଇଛି। ସେହିପରି ମଡେଲଗୁଡ଼ିକ ଚଳାଇବା ପାଇଁ ଭାରତର ବିଭିନ୍ନ ସ୍ଥାନରୁ ତଥ୍ୟ ଦରକାର ପଡୁଛି। ଏହି ତଥ୍ୟକୁ ଆଧାର କରି ସବୁ ମଡେଲ ଆକଳନ ଜାରି କରୁଛନ୍ତି। ବିଦେଶୀ ମଡେଲ ମଧ୍ୟ ଭାରତଠାରୁ ସଂଗୃହିତ ତଥ୍ୟ ଗ୍ରହଣ କରି ଆକଳନ ଜାରି କରୁଛନ୍ତି। ମାତ୍ର ଏହି ଗୋଳମାଳିଆ ଓ ଭୁଲ ତଥ୍ୟ ଯୋଗୁଁ ବିଦେଶୀ ସଂସ୍ଥା ଭୁଲ ଆକଳନ କରୁଛନ୍ତି। ଭାରତୀୟ ପାଣିପାଗ ବିଭାଗ ସଂପୂର୍ଣ୍ଣ ଭାବେ ବିଦେଶୀ ମଡ଼େଲ ଉପରେ ନିର୍ଭର କରୁଥିବାରୁ ସଠିକ ଆକଳନରେ ସମସ୍ୟା ସୃଷ୍ଟି ହେଉଛି। ସମାନ ଭାବେ ସଠିକ ଆକଳନ ପାଇଁ ଦେଶ ତଥା ରାଜ୍ୟର ବିଭିନ୍ନ ସ୍ଥାନରୁ ବେଲୁନ ଛଡ଼ାଯାଇଥାଏ। ବାୟୁମଣ୍ଡଳର ସ୍ଥିତି ଜାଣିବାକୁ ଏହି କାର୍ଯ୍ୟ କରାଯାଏ। ମାତ୍ର ତାହା ମଧ୍ୟ କ୍ରମାଗତ ଭାବେ କରାଯାଉ ନଥିବା ଅଭିଯୋଗ ହୋଇଛି। ଆମେରିକାର 'ଜେଟିଡବ୍ଲୁସି' ଭଳି ସଂସ୍ଥା ମଧ୍ୟ ନିଜ କଥାରେ ଦୃଢ଼ ଭାବେ ରହି ନପାରି ବାରମ୍ବାର ମତ ପରିବର୍ତ୍ତନ କରୁଛି।

ଚଳିତ ବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଜୁନ ୧୬ ତାରିଖରେ ଓଡ଼ିଶା ଛୁଇଁଥିଲା। ଜୁନରେ ମାସରେ ରାଜ୍ୟରେ ୨୧୭.୭ ମିଲିମିଟର ବର୍ଷା ହେଲେ ଏହାକୁ ସ୍ୱାଭାବିକ ବର୍ଷା ବୋଲି ଧରାଯାଏ। ଏହି ଆଧାରରେ ଜୁନ ମାସରେ ରାଜ୍ୟରେ ସ୍ୱାଭାବିକଠାରୁ ବର୍ଷାର ପରିମାଣ ଅଧିକ ରହିବ ବୋଲି ଆଇଏମଡି ପକ୍ଷରୁ ଆକଳନ କରାଯାଇଥିଲା। ମାତ୍ର ଏହା ସମ୍ପୂର୍ଣ୍ଣ ଭୁଲ ହୋଇଥିଲା। ମୌସୁମୀ ଓଡ଼ିଶା ଛୁଇଁବା ପରେ ବିଶେଷ ସକ୍ରିୟ ହୋଇପାରି ନଥିଲା। ମୁଖ୍ୟତଃ ଜୁନରେ ଗୋଟିଏ ବି ଲଘୁଚାପ ହୋଇ ନଥିବା ଯୋଗୁଁ ରାଜ୍ୟରେ ବର୍ଷା ବଢ଼ି ନଥିଲା। ଜୁନ ଶେଷ ସୁଦ୍ଧା ରାଜ୍ୟରେ ମାତ୍ର ୧୩୧.୩ ମିମି ବର୍ଷା ହେବା ସହ ଏହା ସ୍ୱାଭାବିକଠାରୁ ୩୭ ପ୍ରତିଶତ କମ ରହିଥିଲା। ଜୁନ ଶେଷ ହେବା ପରେ ବିଭାଗ ପକ୍ଷରୁ ପୁଣି ଜୁଲାଇ ମାସ ପାଇଁ ମୌସୁମୀ ଆକଳନ କରାଯାଇ ରାଜ୍ୟରେ ଜୁଲାଇ ମାସରେ ବର୍ଷା କମିବା ସହିତ ସ୍ୱାଭାବିକଠାରୁ କମ୍ ବର୍ଷା ହେବ ବୋଲି କୁହାଯାଇଥିଲା। ମାତ୍ର ଏଥିରେ ବି ଆଇଏମଡିକୁ ଝଟକା ଲାଗିଛି। ଜୁଲାଇ ମାସରେ ଦୁଇଟି ଲଘୁଚାପ ହେବା ସହ ଭଲ ବର୍ଷା ହୋଇଥିଲା। ସାଧାରଣତଃ ଜୁଲାଇ ମାସରେ ୩୪୪.୬ ମିମି ବର୍ଷା ହେଲେ ଏହାକୁ ସ୍ୱାଭାବିକ କୁହାଯାଉଥିବା ବେଳେ ଗତ ଜୁଲାଇ ମାସରେ ରାଜ୍ୟରେ ଏହାଠାରୁ ଅଧିକ ଅର୍ଥାତ୍ ୩୭୭ ମିମି ବର୍ଷା ରେକର୍ଡ଼ ହୋଇଛି। ଯାହାକି ସ୍ୱାଭାବିକଠାରୁ ୧୦ପ୍ରତିଶତ ଅଧିକ ବୋଲି ଜଣାପଡ଼ିଛି। ଜୁଲାଇରେ ହୋଇଥିବା ଭଲ ବର୍ଷା ଯୋଗୁଁ ଜୁନ୍‌ରେ ହୋଇଥିବା ୩୭ ପ୍ରତିଶତ ନିଅଣ୍ଟିଆ ବର୍ଷା ଭରଣା ହୋଇ ଜୁଲାଇ ତୃତୀୟ ସପ୍ତାହରେ ସାମଗ୍ରୀକ ଭାବେ ଓଡ଼ିଶାରେ ସ୍ୱାଭାବିକଠାରୁ ବର୍ଷାର ପରିମାଣ ବୃଦ୍ଧି ପାଇଥିଲା। ମାତ୍ର ୨୬ ତାରିଖରୁ ମୌସୁମୀ ବ୍ରେକ ଆରମ୍ଭ ହେବା କାରଣରୁ ବର୍ଷା କମିଛି ଓ ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୯ ପ୍ରତିଶତ ନିଅଣ୍ଟିଆ ବର୍ଷା ହୋଇଛି।

ଜୁନରୁ ସେପ୍ଟେମ୍ବର ୪ ମାସ ମଧ୍ୟରୁ ପ୍ରଥମ ଦୁଇମାସ ଶେଷ ସୁଦ୍ଧା ୫ ଜିଲ୍ଲାକୁ ଛାଡ଼ି ବାକି ସବୁ ଜିଲ୍ଲାରେ ମୌସୁମୀ ବର୍ଷା ସ୍ୱାଭାବିକ ରହିଛି। ମୋଟ ୫୧୨.୨ ମିମି ବର୍ଷା ହୋଇଛି ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ଶେଷରେ ଏହାର ନିଷ୍କର୍ଷ ଭାବରେ ଏହା ଉଲ୍ଲେଖ କରାଯାଉଛି କି ଯେ, ବର୍ଷା, ବାତ୍ୟା, ମରୁଡ଼ି ଏବଂ ବନ୍ୟା ସଂପର୍କରେ ଅଧିକ ଜାଣିବାକୁ ହେଲେ ପ୍ରଥମେ ଆମ ସରକାରଙ୍କୁ ବାଦଲ ବା କ୍ଲାଉଡ ଉପରେ ଗବେଷଣା କରିବାକୁ ହେବ। ବାଦଲରେ ଜଳୀୟ ବାଷ୍ପର ମାତ୍ରା, ପବନର ବେଗ, ବଜ୍ରପାତ ହେବାର ଆଶଙ୍କା ଆଦିର ଅନୁଧ୍ୟାନ ଠିକ୍‌ଭାବେ କରାଯାଇପାରିଲେ ଓଡିଶାରେ ପାଣିପାଗଜନିତ ବିପର୍ଯ୍ୟୟକୁ ଅନେକ ମାତ୍ରାରେ ରୋକାଯାଇପାରନ୍ତା। ଲୋକମାନଙ୍କ ଭିତରେ ଗୁଜବପ୍ରବଣତା ବନ୍ଦ ହେଉ; ବରଂ ସଚେତନ ହୋଇ ପରସ୍ପର ପରସ୍ପରକୁ ସାହାଯ୍ୟ କରିବା ପାଇଁ ଦାୟିତ୍ୱ ନିର୍ବାହ କରନ୍ତୁ!

**ଡକ୍ଟର ରାଜକିଶୋର ମିଶ୍ର**
*—ପୂର୍ବତନ ସମ୍ପାଦକ, ଶ୍ରୀସତ୍ୟସାଇ ବିଦ୍ୟାଳୟ, କଳାବିକାଶ କେନ୍ଦ୍ର ମାର୍ଗ, କଟକ, ଦୂରଭାଷ : ୭୦୦୮୧୮୧୮୨୦*

## ସରଳୀକୃତ ବୈଦିକ ଗଣିତ ପୁସ୍ତକ ଉନ୍ମୋଚିତ



କେନ୍ଦୁଝର (ପିଏନ୍): 'ବ୍ରାହ୍ମୀ ପବ୍ଲିକେସନ' ଦ୍ୱାରା ପ୍ରକାଶିତ ପୁସ୍ତକ 'ସିମ୍ପଲିଫାଏଡ ବୈଦିକ ମ୍ୟାଥମେଟିକ୍ସ'ର ଲୋକାର୍ପଣ ଉତ୍ସବ ଗତକାଲି ସନ୍ଧ୍ୟାରେ କେନ୍ଦୁଝର ସହରସ୍ଥିତ ବ୍ରାହ୍ମୀ ଇନଷ୍ଟିଚ୍ୟୁଟ ଅଫ୍ ଚିଲଡ୍ରେନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଶିଶୁ ବିଶେଷଜ୍ଞ ଡ଼ା ମହେଶ ପ୍ରସାଦ ମହାନ୍ତ ପୁସ୍ତକଟିକୁ ଲୋକାର୍ପିତ କରି ବୈଦିକ ଗଣିତ ସରଳୀକରଣ କରାଯାଇ ପୁସ୍ତକ ରଚନା କରାଯାଇଥିବାରୁ ଗଣିତ କ୍ଷେତ୍ରରେ ଏହା ଏକ ମାଇଲ ଖୁଣ୍ଟ ବୋଲି କହିଥିଲେ। ଏହି ପୁସ୍ତକ ଦ୍ୱାରା ଛାତ୍ରଛାତ୍ରୀମାନେ ଗଣିତ ସହଜରେ କରିପାରିବେ ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ କରିଆ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଜଗବନ୍ଧୁ ମହାନ୍ତ ଏବଂ ଡିଏନ୍ ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୀଳମଣି ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କ ପାଇଁ ପୁସ୍ତକର ଉପାଦେୟତା ଉପରେ ବର୍ଣ୍ଣନା କରିଥିଲେ। 'ସିମ୍ପଲିଫାଏଡ ବୈଦିକ ମ୍ୟାଥମେଟିକ୍ସ' ପୁସ୍ତକ ଇଂ. ଅମରବର ଖଟୁଆଙ୍କ ଦ୍ୱାରା ରଚିତ ହୋଇଛି। କରୋନା ମହାମାରୀ ସମୟରେ ଲେଖକ ଇଂ. ଅମରବର ଖଟୁଆ ଏହି ପୁସ୍ତକଟି ପ୍ରସ୍ତୁତିକାଳର କଷ୍ଟ ଓ ଆହ୍ୱାନ ସଂପର୍କରେ ବର୍ଣ୍ଣନା କରିଥିଲେ। ଏହି ପୁସ୍ତକ ସମସ୍ତ ପ୍ରକାରର ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ତଥା ସ୍କୁଲ କଲେଜ ପରୀକ୍ଷା, ବ୍ୟାଙ୍କ ପରୀକ୍ଷା, ରେଳବାଇ ପରୀକ୍ଷା, ପ୍ରତିରକ୍ଷା ପରୀକ୍ଷା, ୟୁପିଏସ୍‌ସି ପରୀକ୍ଷା, ଏମ୍‌ବିଏ ପ୍ରବେଶିକା ପରୀକ୍ଷା ପାଇଁ ଏକ ଉପଯୋଗୀ ପୁସ୍ତକ ରୂପେ ପରୀକ୍ଷାର୍ଥୀମାନଙ୍କ ଦ୍ୱାରା ବ୍ୟବହାରରେ ଆସିପାରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ପୁସ୍ତକରେ ୧୬ଟି ବିଷୟରେ ଆଧାରିତ ଯଥା–ଯୋଗ, ବିୟୋଗ, ଗୁଣନ, ହରଣ, ତିନୋଟି ସଂଖ୍ୟାର ଗୁଣନ, ସଂଖ୍ୟାର ବର୍ଗନିର୍ଣ୍ଣୟ, ଘନ ନିର୍ଣ୍ଣୟ, ବର୍ଗମୂଳ ନିର୍ଣ୍ଣୟ, ଘନମୂଳ ନିର୍ଣ୍ଣୟ, ବିଭାଜ୍ୟତା ପରୀକ୍ଷା, ଲ.ସା.ଗୁ, ଗ.ସା.ଗୁ, ଭଗ୍ନାଂଶ ଓ ଦଶମିକ ଭଗ୍ନାଂଶ, ବୀଜଗାଣିତିକ ସମୀକରଣ, ଏକଘାତୀ, ଦ୍ୱିଘାତୀ, ତ୍ରିଘାତୀ ଓ ଚର୍ତୁଘାତୀ ସମୀକରଣର ସମାଧାନର ପ୍ରକ୍ରିୟା, କାଲକୁଲସର ପ୍ରାରମ୍ଭିକ ପର୍ଯ୍ୟାୟ, ବୈଦିକ ଗଣିତ ସୂତ୍ରମାନଙ୍କର ପ୍ରୟୋଗ ଓ ସମାଧାନର ସମ୍ମିଳିତରେ ଏହି ପୁସ୍ତକଟି ରଚିତ ହୋଇଛି। ଏହି ସଭାରେ ବ୍ରାହ୍ମୀ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଚିଲଡ୍ରେନର ସମସ୍ତ ଶିଶୁ, ଅଭିଭାବକ ଯୋଗ ଦେଇଥିଲେ। କୃତୀ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଅନ୍ୟ ବିଶିଷ୍ଟ ଅତିଥିମାନଙ୍କ ମଧ୍ୟରେ ଅଧ୍ୟାପିକା ସେବତୀ ନାୟକ, ଅଧ୍ୟାପିକା ସରୋଜିନୀ ପୃଷ୍ଟି, ଅଧ୍ୟାପକ ବଦ୍ରିନାରାୟଣ ବାରିକ, ଅଧ୍ୟାପକ ରୁଦ୍ରନାରାୟଣ ବାରିକ ପ୍ରମୁଖ ଉପସ୍ଥିତ ରହି ପୁସ୍ତକ ସଂପର୍କରେ ନିଜ ନିଜର ସଂକ୍ଷିପ୍ତ ମତ ପ୍ରକାଶ କରିଥିଲେ। 'ବ୍ରାହ୍ମୀ ଇନଷ୍ଟିଚ୍ୟୁଟ ଅଫ୍ ଚିଲଡ୍ରେନ'ର ଅଧକ୍ଷା ଶ୍ରୀମତୀ ସିତା ନାୟକଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିକ୍ରୀ ପାଇଁ ଏହି ପୁସ୍ତକ ଆମାଜନରେ ଉପଲବ୍ଧ ହେଉଛି। ଏହି ପୁସ୍ତକର ଏକ କପି ପରମ ପୂଜନୀୟ ପୁରୀ ଶଙ୍କରାଚାର୍ଯ୍ୟ ଶ୍ରୀ ଶ୍ରୀ ନିଶ୍ଚଳାନନ୍ଦ ରସ୍ୱତୀଙ୍କୁ ପ୍ରଦାନ କରାଯାଇଛି। ପୁସ୍ତକ ଦେଖି ସେ ବୈଦିକ ଗଣିତର ପ୍ରଚାର ପ୍ରସାର ନିମନ୍ତେ ଏକ ଉତ୍ତମ ପ୍ରୟାସ ବୋଲି ତାଙ୍କର ମତ ରଖିଥିଲେ। ଏହି ପୁସ୍ତକେଟିକୁ 'ବ୍ରାହ୍ମୀ ପବ୍ଲିକେସନ' ମାଗୁରଗାଡିଆ, କେନ୍ଦୁଝର ଦ୍ୱାରା ପ୍ରକାଶ କରାଯାଇଥିବାବେଳେ ଏହାର ପୃଷ୍ଠା ସଂଖ୍ୟା ୩୪୮ ଓ ମୂଲ୍ୟ ୩୦୦ ଟଙ୍କା ରହିଛି। ବୈଦିକ ଗଣିତ ଉପରେ ଗଭୀର ଅଧ୍ୟୟନ କରାଯାଇ ପୁସ୍ତକ ରଚନା କରାଯାଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## ଶ୍ୱଶୁର ଘରେ ଜ୍ୱାଇଁର ଆତ୍ମହତ୍ୟା



ଭଗାମୁଣ୍ଡା (ପିଏନ୍): ହରିଚନ୍ଦନପୁର ଥାନା ଶଗଡପଟା ପଂଚାୟତର ଭାଲୁଯୋଡି କ୍ରସର ନିକଟରେ ଥିବା ଏକ ଲିମ୍ବ ଗଛରେ ଜଣେ ଭାରତୀୟ ସେନାବାହିନୀର ଜଣେ କର୍ମଚାରୀ ବେକରେ ରଶି ଦେଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଧୁରୁଡିଆମ୍ବ ଗ୍ରାମର ଉମାକାନ୍ତ ନାଏକ ଗତ ୩ ତାରିଖ ଦିନ ତାଙ୍କ ଶ୍ୱଶୁର ଘର ଶଗଡପଟା ଗ୍ରାମକୁ ସ୍ତ୍ରୀ ପ୍ରିୟଙ୍କା ଏବଂ ତିନିମାସର ଶିଶୁପୁତ୍ରକୁ ଦେଖା କରିବାକୁ ଆସିଥିଲେ। କୌଣସି କାରଣକୁ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ କଳହ ଲାଗିଥିଲା। ଶ୍ୱଶୁର ଘରଠାରୁ ମାତ୍ର କିଛିଦୂରରେ ଥିବା କ୍ରସର ନିକଟ ଲିମ୍ବ ଗଛରେ ରାତି ପ୍ରାୟ ୧୦ଟା ବେଳେ ଜ୍ୱାଇଁ ରଶି ଲଗାଇ ଦେଇଥିଲେ। ସକାଳ ହେବାରୁ ସ୍ଥାନୀୟ ଲୋକମାନେ ଦେଖିବା ପରେ ତାଙ୍କ ସ୍ତ୍ରୀଙ୍କୁ ଖବର ଦେବା ସଙ୍ଗେ ସଙ୍ଗେ ହରିଚନ୍ଦନପୁର ପୋଲିସକୁ ଖବର ଦେଇଥିଲେ। ଖବର ପାଇ ପୋଲିସ୍ ଘଟଣାସ୍ଥଳରେ ପହଂଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଆନନ୍ଦପୁର ଡାକ୍ତରଖାନାକୁ ପଠାଇ ଆତ୍ମହତ୍ୟାର ତଦନ୍ତ ଜାରି ରଖିଛି।

## ବିଶ୍ୱ ଆଦିବାସୀ ଦିବସ ପାଳନ ଓ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ

ଭୁବନେଶ୍ୱର (ପିଏନ): ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ, ସାଲିଆ ସାହି ଆଞ୍ଚଳିକ କମିଟି ଏବଂ ଆଦିବାସୀ ଗ୍ରାମ୍ୟ ଉନ୍ନୟନ କମିଟି ତରଫରୁ ଭୁବନେଶ୍ୱର ସାଲିଆସାହିସ୍ଥିତ ଆଦିବାସୀ ଗାଁ ଫୁଟବଲ୍ ପଡ଼ିଆ ନିକଟସ୍ଥ ରାସ୍ତାରେ ବିଶ୍ୱ ଆଦିବାସୀ ଦିବସ ପାଳନ ଅବସରରେ ଏକ ମାନବ ଶୃଙ୍ଖଳ କାର୍ଯ୍ୟକ୍ରମ ସଂଗଠିତ କରାଯାଇଅଛି। ଆଦିବାସୀ ଏବଂ ପାରମ୍ପରିକ ଜଙ୍ଗଲ ଅଧିବାସୀଙ୍କୁ ଅଧିକାର ଦେବା ପାଇଁ ସହରାଞ୍ଚଳରେ ଜଙ୍ଗଲ ଅଧିକାର ଆଇନ ୨୦୦୬କୁ ଲାଗୁ କରିବା, ରାସ୍ତା ନାମରେ ଜଙ୍ଗଲ ଜମିରୁ ବସ୍ତି ଉଚ୍ଛେଦ ସମ୍ପୂର୍ଣ୍ଣ ବନ୍ଦ କରିବା, ଜଙ୍ଗଲ ସଂରକ୍ଷଣ ନିୟମ ୨୦୨୨କୁ ବାତିଲ କରିବା, ପଞ୍ଚମ ଅନୁସୂଚୀର ପେସା ଆଇନ ୧୯୯୬ର ନିୟମ ପ୍ରଣୟନ କରି ସଠିକ୍ କାର୍ଯ୍ୟକାରୀ କରିବା ପ୍ରମୁଖ ଦାବିକରି ମାନବ ଶୃଙ୍ଖଳରେ ବ୍ୟାନର, ପ୍ଲାକାର୍ଡ଼ ପ୍ରଦର୍ଶନ କରିବା ସହିତ ଏକ ଆଲୋଚନା ସଭା ଆୟୋଜନ କରାଯାଇ ଦାବିଗୁଡ଼ିକ ପୂରଣ କରିବା ପାଇଁ ଆଗାମୀ ଦିନରେ ଦୃଢ଼ ମେଳି ତିଆରି କରାଯାଇ ଦାବି ହାସଲ କରିବା ପର୍ଯ୍ୟନ୍ତ ସଂଘର୍ଷ ଜାରି ରହିବ ବୋଲି ସାଲ ମାର୍ଣ୍ଡି ତାଙ୍କ ବକ୍ତବ୍ୟରେ କହିଥିଲେ। ସାଲିଆସାହିରେ ଅଙ୍କାବଙ୍କା ରାସ୍ତା ନିର୍ମାଣ ଦ୍ୱାରା ବସ୍ତି ଉଚ୍ଛେଦକୁ ଦୃଢ଼ ବିରୋଧ କରି ଚାମ୍ପୁରୁ ସୋରେନ କହିଥିଲେ କି ଏକାମ୍ର କାନନ ଭିତରେ ଜିଏ ଡିପାର୍ଟମେଣ୍ଟର ୩୪ ଏକର ସମ୍ପୂର୍ଣ୍ଣ ଫାଙ୍କା ଜାଗା ଥିବା ସତ୍ତ୍ୱେ ମହିଳା ପଲିଟେକ୍‌ନିକ୍‌ରୁ ସିଧା ଏକାମ୍ର କାନନ ଗେଟ୍ ନିକଟ ସିଆର୍‌ପି ରାସ୍ତାରେ ସଂଯୋଗ ନ କରି ବସ୍ତିକୁ ଭାଙ୍ଗିବା ଷଡ଼ଯନ୍ତ୍ର କରାଯାଉଛି ଅଭିଯୋଗ କରିଥିଲେ। ସାଲିଆସାହି ବସ୍ତି ଜଙ୍ଗଲ ଦୁଇ, ବୁଦା ଜଙ୍ଗଲ, ଛୋଟ ଜଙ୍ଗଲ କିସମ ଜମିରେ ରହିଥିବା ବେଳେ ବସ୍ତିକୁ ଲାଗି ସମାନ କିସମର ଜମି ଏକାମ୍ର କାନନ ପାଚେରୀ ଦ୍ୱାରା ଅବରୋଧ କରାଯାଇ ଥିବା ପ୍ରମାଣ ବସ୍ତିବାସିନ୍ଦାଙ୍କ ପାଖରେ ରହିଛି ବୋଲି ଦାବି କରାଯାଇଛି। ତେଣୁ ଆଦିବାସୀ, ବସ୍ତିବାସିନ୍ଦାଙ୍କ ପ୍ରତି ଷଡ଼ଯନ୍ତ୍ର ଏବଂ ଦମନମୂଳକ ପଦକ୍ଷେପ ବନ୍ଦ କରି ତାଙ୍କ ସହିତ ଆଲୋଚନା କରି ନ୍ୟାୟ ଦିଆଯାଉ ବୋଲି ଜୟଦେବ ନାୟକ ଦାବି କରିଥିଲେ। ଏହି ମାନବ ଶୃଙ୍ଖଳ ଏବଂ ସଭା କାର୍ଯ୍ୟରେ ଆଦିବାସୀ ଅଧିକାର ମଞ୍ଚର ରାଜ୍ୟ ସମ୍ପାଦକ ସାଲ ମାର୍ଣ୍ଡି, ଉପସଭାପତି ଚାମ୍ପୁରୁ ସୋରେନ୍, ସାଲିଆ ସାହି ଆଞ୍ଚଳିକ କମିଟିର ଆବାହକ ମଣ୍ଡଳି ସଭାପତି ଜୟଦେବ ନାୟକ, ସଭ୍ୟ ଅନାଦି ପାତ୍ର, ଶିବଶଙ୍କର ସୋରେନ, ବଂଶୀଧର ପରିଡ଼ା, ସୁଶାନ୍ତ ମହାକୁଡ଼, ଫୁଲମଣି ପାତ୍ର, ଆଦିବାସୀ ଗାଁର ଜୟନ୍ତୀ ସୋରେନ, ଦାଉଦ ଦିଗାଲ, ସନାତନ ମାର୍ଣ୍ଡି, ଫୁଲମଣି ସୋରେନ, ପ୍ରମୁଖ ସାମିଲ ହୋଇଥିଲେ।

## ସାହିତ୍ୟ ସଂସଦରେ ସଭ୍ୟ କରିବାକୁ କହି ବୃଦ୍ଧଙ୍କଠାରୁ ୫ଶହ ଟଙ୍କା ଠକେଇ ଅଭିଯୋଗ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦରେ ସଭ୍ୟ କରିଦେବାକୁ କହି ଜନୈକ ୮୨ବର୍ଷର ବୃଦ୍ଧଙ୍କଠାରୁ ୪ବର୍ଷ ତଳେ ସଂସଦର ସମ୍ପାଦକ ଶୁଭାଂଶୁ କୁମାର ଦାସ ୫ଶହ ଟଙ୍କା ନେଇଥିବା କେନ୍ଦ୍ରାପଡା ଏସଡିପିଓ ରାଜୀବଲୋଚନ ପଣ୍ଡାଙ୍କ ନିକଟରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ସୋବଳା ଗ୍ରାମର ପାରେଶ୍ୱର ସାମଲ କେନ୍ଦ୍ରାପଡା ଏସଡିପିଓ ଶ୍ରୀ ପଣ୍ଡାଙ୍କୁ ଭେଟି ଅଭିଯୋଗ କରିଛନ୍ତି ଯେ ଗତ ୨୦୧୮ମସିହାରେ ଡିସେମ୍ବରମାସରେ ସେ କେନ୍ଦ୍ରାପଡା ଜିଲ୍ଲା ସାହିତ୍ୟ ସଂସଦର ସମ୍ପାଦକ ତଥା ସଦର ଥାନା ଅନ୍ତର୍ଗତ ଭରତପୁର ଗ୍ରାମର ତଥା ଅଧୁନା ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ନିକଟରେ ରହୁଥିବା ଶୁଭାଂଶୁ କୁମାର ଦାସଙ୍କୁ ସେହି ସଂସଦର ସଭ୍ୟ ହେବା ପାଇଁ ପଟ୍ଟାମୁଣ୍ଡାଇର ଡଃ. ନାରାୟଣ ପ୍ରସାଦ ଜେନାଙ୍କ ମାଧ୍ୟମରେ ୫ଶହ ଟଙ୍କା ଦେଇଥିଲେ। ଅଭିଯୋଗକାରୀ ଶ୍ରୀ ସାମଲ କହିବା କଥା ହେଲା ଅଦ୍ୟାବଧି ତାଙ୍କୁ ଏବାବଦରେ ସଂସଦର ସମ୍ପାଦକ ଶ୍ରୀ ଦାସଙ୍କଠାରୁ କୌଣସି ରସିଦ ମିଳିନଥିବା ବେଳେ କୌଣସି ସଭା ସମିତିକୁ ମଧ୍ୟ ତାଙ୍କୁ ଡକାଯାଇନାହିଁ। ଶ୍ରୀ ସାମଲ ଅଭିଯୋଗ କରିଛନ୍ତି ଯେ ସାହିତ୍ୟ ସଂସଦ ପାଇଁ ଦେଇଥିବା ଅର୍ଥକୁ ସମ୍ପାଦକ ଆତ୍ମସାତ କରିଛନ୍ତି। ଏହି ଅର୍ଥ ପାଇବାକୁ ଶ୍ରୀ ସାମଲ ଡଃ. ଜେନା ଓ ସଂସଦର ସଭାପତି ଡଃ. ବାସୁଦେବ ଦାସଙ୍କ ପାଖକୁ ବାରମ୍ବାର ଦୌଡି ଦୌଡି ନୟାନ୍ତ ହେଲେଣି। ଶ୍ରୀ ସାମଲ ଏବେ ଶ୍ରବଣଶକ୍ତି ହୀନ ଓ ବାର୍ଦ୍ଧକ୍ୟଜନିତ ଦୁର୍ବଳତା ଯୋଗୁଁ ଏଭଳି ଜଣେ ଧପାବାଜକୁ ଧରିବାକୁ ଅକ୍ଷମ ହୋଇପଡିଛନ୍ତି। ତେଣୁ ତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରାଯିବାକୁ ସେ କେନ୍ଦ୍ରାପଡା ଏସଡିପିଓ ଶ୍ରୀ ପଣ୍ଡାଙ୍କୁ ନିବେଦନ କରିଛନ୍ତି। କେନ୍ଦ୍ରାପଡା ଏସଡିପିଓ ଶ୍ରୀ ପଣ୍ଡା ଶ୍ରୀ ସାମଲଙ୍କ ଅଭିଯୋଗ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ କେନ୍ଦ୍ରାପଡା ସରର ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।



# ମୋ ଗାଁ

## ବିଚାରପତିମାନେ ଭଗବାନଙ୍କ ସଦୃଶ କି ?



**ପ୍ରଦୀପ୍ତ କୁମାର ଜେନା**

କଥାରେ ଅଛି ବିଚାପତିମାନେ ଭାଗବନଙ୍କ ସଦୃଶ । ଭଗବାନଙ୍କ ଦରବାରରେ କୌଣସି ପାତର ଅନ୍ତର ବିଚାର ନଥାଏ । ସେ ଏଭଳି ଭାବରେ ଏ ସୃଷ୍ଟି ସର୍ଜନା କରିଛନ୍ତି, ପ୍ରତ୍ୟେକ ଜୀବର କର୍ମଫଳ ସ୍ୱତଃ ତା'ର ସୂକ୍ଷ୍ମ ଶରୀରରେ ଲିପିବଦ୍ଧ ହୋଇ ରହିଥାଏ । କର୍ମ ଅନୁସାରେ ଜୀବ ତା'ର ଫଳ ପ୍ରାପ୍ତ ହୁଏ । ଭଗବାନ ଅତ୍ୟନ୍ତ ଦୟାଳୁ । ସେ ପାପୀକୁ ବାରମ୍ବାର ସତର୍କ କରିଥା'ନ୍ତି । ପାପୀ କିନ୍ତୁ ଭାଗବାନଙ୍କ ସଙ୍କେତକୁ ଅଣଦେଖା କରି ଗୋଟିଏ ପରେ ଗୋଟିଏ ପାପ କରିଚାଲିଥାଏ । ପ୍ରଥମ ପାପରେ ଭଗବାନ କାହାକୁ ଦଣ୍ଡ ବିଧାନ କରନ୍ତି ନାହିଁ, କେବଳ ସତର୍କ କରିଦିଅନ୍ତି । ଶିଶୁପାଳର ଏକ ଶହ ଭୁଲକୁ କ୍ଷମା ଦେବା ପରେ ଯେତେବେଳେ ସେ ଭାଗବନଙ୍କୁ ହେୟ ଜ୍ଞାନ କରିଥିଲା ଓ ତାପରେ ଭୁଲ କରିଥିଲା ଭଗବାନ ତାଙ୍କୁ ଦଣ୍ଡିତ କରିଥିଲେ । ପାପୀ ଯଦି ନିଜର ଭୁଲ ବୁଝିପାରି ଭଗବାନଙ୍କ ସରଣରେ ନିଜକୁ ସମର୍ପଣ କରିଦିଏ ପରମ କରୁଣୀକ ଭଗବାନ ତାକୁ କ୍ଷମା କରିଦିଅନ୍ତି । ସେଥିପାଇଁ କୁହାଯାଏ ଦଣ୍ଡିବା ଶକ୍ତି ଯା'ର ଥାଇ ସେ ପୁଣି କ୍ଷମା ଅଚରଇ । ଭଗବାନ ଜୀବର ପାପ ଅନୁଯାଇ ଦଣ୍ଡ ବିଧାନ କରିଥା'ନ୍ତି । ଠିକ ସେଇଭଳି ମଣିଷର ଭୁଲ ଠିକ୍‌ର ବିଚାର କରି ଆଇନି ଓ ସମ୍ବିଧାନ ଅନୁଯାଇ ନ୍ୟାୟ ପ୍ରଦାନ କରିବା ପାଇଁ ବିଚାରପତିମାନଙ୍କୁ ନିଯୁକ୍ତ କରାଯଇଛି । ସେମାନେ ପ୍ରଚଳିତ ଆଇନ କାନୁନ ଓ ସମ୍ବିଧାନକୁ ଦୃଷ୍ଟିରେ ରଖି ଆଇନ ଓ ସମ୍ବିଧାନ ଖିଲାପି ବିରୁଦ୍ଧରେ ଦଣ୍ଡ ବିଧାନ କରିବେ । ଆମର ବିଚାର ବ୍ୟବସ୍ଥା କୁହେ ଯେ ୧୦୦ ଦୋଷୀ ପଛେ ଦଣ୍ଡିତ ନ ହୁଅନ୍ତୁ ହେଲେ ଗୋଟିଏ ନିର୍ଦୋଷ ଦଣ୍ଡ ନ ପାଉ । ସାକ୍ଷୀ ପ୍ରମାଣକୁ ତର୍ଜମା କରି ଦୋଷୀକୁ ଫାଶୀଦେଇଦେଲେ ଯେ ବିଚାରପତିଙ୍କର ବହାଦୁରୀ ହେବ ତାହା ନୁହେଁ; ଜଣକୁ ମୃତ୍ତୁ ଦଣ୍ଡରେ ଦଣ୍ଡିତ କରିବା ପୂର୍ବରୁ ପ୍ରତ୍ୟେକ ଦିଗକୁ ବିଚାରକୁ ନେବା ଉଚିତ । ସେ କାହିଁକି କେଉଁ ପରିସ୍ଥିତିରେ ଏଭଳି ଜଘନ୍ୟ ଅପରାଧ କରିଛି ଓ ସେ ଅପରାଧ ପାଇଁ ସେ ଅନୁତପ୍ତ କି ନାହିଁ ଇତ୍ୟାଦି । ଦଣ୍ଡ ବିଧାନ ପରେ ତା'ର ପରିବାର ଓ ପିଲାଛୁଆଙ୍କ ଅବସ୍ଥା କ'ଣ ହେବ । ଏହାକୁ ମଧ୍ୟ ଆଖିଆଗରେ ରଖିବା ଉଚିତ । ଖାଲି ଆଇନକୁ ତର୍ଜମା କରି ଦଣ୍ଡ ବିଧାନ କରାଯିବା ଉଚିତ ହେବନାହିଁ । ଅତୀତରେ ରାଜର୍ସି ମନେ ରାଜଗାଦିରେ ବସୁଥିଲେ । କାରଣ ସେମାନେ ପ୍ରକୃତ ବିଚାର କରିପାରିବେ । ଉଭୟ ଶସ୍ତ୍ର ଜ୍ଞାନ ଓ ଶାସ୍ତ୍ର ଜ୍ଞାନ ସେମାନଙ୍କୁ ଜଣାଥିଲା । ପ୍ରତ୍ୟେକ ମଣିଷ ଆ ବ୍ରାହ୍ମଣ ଚଣ୍ଡାଳ ତାଙ୍କ ଦୃଷ୍ଟିରେ ସମାନ ଥିଲେ । ଜଣେ ରଜକିର କଥାକୁ ଗୁରୁତ୍ୱ ଦେଇ ରାଜା ରାମଚନ୍ଦ୍ର ନିଜ ପ୍ରାଣ ପ୍ରିୟା ଓ ଗର୍ଭବତୀ ପତ୍ନୀ ସୀତା ଦେବୀଙ୍କୁ ନିର୍ବାସନ ଦାଣ୍ଡରେ ଦଣ୍ଡିତ କରିଥିଲେ । ଠିକ ସେଇଭଳି ବିଚାର ବ୍ୟବସ୍ଥା ସମ୍ଭାଳିବା ପାଇଁ ଓ ସମସ୍ତଙ୍କୁ ଉଚିତ ନ୍ୟାୟ ପ୍ରଦାନ କରିବାପାଇଁ ଅତୀତରେ ବିଚାରପତି ଭାବେ ଯେଉଁ ମାନଙ୍କୁ ନିଯୁକ୍ତି ଦିଆଯାଉଥିଲା ସେମାନେ କେବଳ ଜ୍ଞାନର ଅଧିକାରୀ ନଥିଲେ, ସେମାନଙ୍କ ଚରିତ୍ର ଶାସ୍ତ୍ର ଜ୍ଞାନପ୍ରଭୁତିକୁ ବିଚାରକୁ ନିଆଯାଉଥିଲା । ବିଶେଷକରି ବ୍ରାହ୍ମଣ ସମାଜର ବ୍ୟକ୍ତ ମାନଙ୍କୁ ନିଯୁକ୍ତିରେ ଅଗ୍ରାଧିକାର ଦିଆଯଉଥିଲା । ସେମାନେ ବିଚାରପତି ଆସନରେ ବସିଲେ ନ୍ୟାୟ ଓ ଶାସ୍ତ୍ର ଉଭୟର ସମ୍ମିଶ୍ରଣରେ ବିଚାର ଦେଇଥା'ନ୍ତି । ଏବେ ଯେଉଁମାନେ ପରୀକ୍ଷା ରେ ଉତ୍ତୀର୍ଣ୍ଣ ହେଲେ ସେମାନେ ବିଚାରପତି ଭାବରେ ନିଯୁକ୍ତି ପାଇଲେ । ହୃଦ ବତ୍ତା ମାନବିକତା ଓ ମଣିଷ ପଣିଆ ଯାହାକି

ଦେବତା ଆସନକୁ ନେଇପାରେ ତାକୁ କେହି ପରୀକ୍ଷ କରୁନାହାନ୍ତି । ଫଳରେ ଜଣେ ହୃଦୟବାନ ବିଚାରପତି ଚୟନରେ ଅଭାବ ପରିଲକ୍ଷିତ ହେଉଛି । ସାଧାରଣ ଲୋକଙ୍କ ମତରେ ଆସ୍ତେ ଆସ୍ତେ ନ୍ୟାୟପାଳିକା ଦୁର୍ନୀତି ପ୍ରିୟାପ୍ରୀତି ତୋଷଣ ରାଜନୀତିକରଣକୁ ଗ୍ରାସ କରିବାକୁ ବସିଲାଣି । ବିଚାପତିମନେ ନିରପେକ୍ଷ ରହିପାରୁନାହାନ୍ତି ଓ ଅନେକ ସମୟରେ ଗଣମାଧ୍ୟମ ଦ୍ୱାରା ପ୍ରଭାବିତ ହେବାର ଦେଖାଯାଉଛି । କୌଣସି ଆଶା ଓ ଅଭିପ୍ସା ରଖି ଯଦି ଜଣେ ବିଚାରପତି ନ୍ୟାୟ ପ୍ରଦାନ କରେ ତାହା କେବେ ଉଚିତ ନ୍ୟାୟ ହେବନାହିଁ । ଅବସର ପରେ ଅନେକ ବିଚାରପତି ପୁନଃ ନିଯୁକ୍ତି ଏପରିକି ରାଜନୀତିର ପଦ ପଦବୀରେ ରହିବା ପାଇଁ ଆଶାବାଦୀ ହେଉଛନ୍ତି । ଏ ପ୍ରକାର ମାନସିକତା ଥିବା ବ୍ୟକ୍ତି କେବେ କ'ଣ ନିରପେକ୍ଷ ହୋଇ ପାରିବେ ? ଅନେକ ସମୟରେ ଗଣମାଧ୍ୟମରେ ବିଚାରପତିମାନଙ୍କ ନ୍ୟାୟ ପ୍ରଦାନ ଉପରେ ପ୍ରଶ୍ନବାଚୀ ଆସୁଛି । ଏହା ନ୍ୟାୟପାଳିକାପାଇଁ ଶୁଭଙ୍କର ନୁହେଁ । ଅନେକ ଉଚ୍ଚ ନ୍ୟାୟାଳୟ ଓ ସର୍ବୋଚ୍ଚ ନ୍ୟାୟାଳୟର ବିଚାରପତିମନେ ଅବସର ନେବା ପରେ ରାଜ୍ୟସଭାକୁ ମନୋନୀତ ହେଉଛନ୍ତି । ଏହା ଉଚିତ ପଦକ୍ଷେପ ନୁହେଁ ବୋଲି ସର୍ବସାଧାରଣଙ୍କ ମତ । ଜଣେ କୋଟିପତି ଲୋକ ପାଇଁ ନାମୀ ଦାମୀ ଓକିଲ ଯୁକ୍ତି ଉପସ୍ଥାପିତ କରି କଳାକୁ ଧଳା କରିପାରୁଛନ୍ତି । ସେହି ସମାନ ଅପରାଧରେ ଜଣେ ଗରିବ ଲୋକ ବର୍ଷ ବର୍ଷ ଧରି ଚାରି କାନ୍ଥ ଭିତରେ ସାଡୁଚି । ଏବେ ବିଜୟ ମାଲ୍ୟ କେଶ୍‌ରେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଚାରିମାସ ସଜ୍ଜା ଶୁଣାଇବା କଥାଟି ଆଇନି ଦୃଷ୍ଟିରୁ ସଠିକ୍ ହୋଇପାରେ; କିନ୍ତୁ ଲୋକମନେ ଏ କଥାକୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି । ବିଚାରପତିମାନେ ଖାଲି କେସ ରେକର୍ଡ ଦେଖି ନ୍ୟାୟ ପ୍ରଦାନ କଲେ ତାହା ନ୍ୟାୟ ନୁହେଁ । ଆସାମୀର ସମସ୍ତ ଦୋଷ ସହିତ ତା'ର ପରିପାର୍ଶିକ ଓ ପାରିବାରିକ ଅବସ୍ଥାକୁ ଅନୁଧ୍ୟାନ କରି ନ୍ୟାୟ ଦେଲେ ତାଙ୍କୁ ହିଁ ଭଗବାନ ବୋଲି ଲୋକ ବିଚାର କରିବେ । ନିରବ ମୋଦି, ବିଜୟ ମାଲ୍ୟା ଭଳି ଲୋକ ହଜାର ହଜାର କୋଟି ଟଙ୍କା ତୋଷରପାତ କରି ଦେଶ ଛାଡ଼ି ଅନ୍ୟ ଦେଶରେ ବିଳାସପୂର୍ଣ ଜୀବନ ଯାପନ କରୁଛନ୍ତି । ଆଇନ୍ ସେମାନଙ୍କର କ'ଣ କରୁଛି ? ଆଜି ଯାହା ପାଖରେ ପଇସା ଅଛି ଆଇନ୍ ତା'ର କିଛି କରିପାରୁନାହିଁ । ସେ ପଇସା ଦେଇ ସାକ୍ଷୀ ପ୍ରମାଣକୁ ଓଲଟପାଲଟ କରିଦେଉଛି । ପୋଲିସ୍ କୋର୍ଟରେ ଦାଖଲ କରିଥିବା ସମସ୍ତ ଅଭିଯୋଗ ଫର୍ଦ୍ଦରେ ସତ୍ୟତା ଅଛି, ହେଲେ ଶତକଡ଼ା ୨୦ ରୁ ୨୦ ଭାଗ ଅପରାଧରେ ଦୋଷୀ ଦଣ୍ଡ ପାଉଥିବାବେଳେ ଅନ୍ୟମାନେ ନିର୍ଦୋଶ ବୋଲି ପ୍ରମାଣିତ ହେଉଛନ୍ତି । ବିଚାରପତିମାନେ ଏ ଅକାଟ୍ୟ ସତ୍ୟ ଜାଣିଲାପରେ ନିଜ କଲରେ ସେମାନଙ୍କୁ ଦୋଷମୁକ୍ତ କରୁଛନ୍ତି । ସେଥିପାଇଁ ଦୋଷୀ ସାବ୍ୟସ୍ତ ହେଉଥିବା ଅପରାଧି ପ୍ରତି ଅତ୍ୟନ୍ତ କଠୋର ସୀମାଟୀନ ନୁହେଁ । ଯାହା ପାଖରେ ପଇସା ନାହିଁ ସେ ସାକ୍ଷୀ ମାନଙ୍କୁ ଝବଭବଶର କରିପାରୁନାହିଁ, ଫଳରେ ସଜା କାଟୁଚି । ଏଥିରୁ ଯାହା ଜଣାପଡୁଛି ଆଇନ ଧନୀ ଲୋକର ସପକ୍ଷରେ । ଏ ସତ୍ୟକୁ ଅବସରପ୍ରାପ୍ତ ସର୍ବୋଚ୍ଚ ନ୍ୟାଳୟର ମାନ୍ୟବର ବିଚାରପତି ଜଷ୍ଟିସ ଶ୍ରୀ ଦୀପକ ଗୁପ୍ତା ସ୍ୱୀକାର କରିଛନ୍ତି । ମାନ୍ୟବର ବିଚାରପତି ନିଜର ବିଦାୟକାଳୀନ ଭାଷଣରେ କହିଛନ୍ତି, ନ୍ୟାୟପାଳିକା ଆଜି ତାକତଭର ଲୋକମାନଙ୍କ ସପକ୍ଷରେ । ଏ ହେଉଛି ବାସ୍ତବ ସତ୍ୟ । ସର୍ବୋଚ୍ଚ ନ୍ୟାୟାଳୟର ଦୁଇଜଣ ବିଚାରପତି ନୁପରୁ ଶର୍ମା ବିବାଦରେ ଯେଭଳି ଟିପ୍ପଣୀ ଦେଲେ ତା'ର ସମାଲୋଚନା ଚାରିଆଡେ ସୁଣିବାକୁ ମିଳିଲା । ଏପରିକି କିଛି ଅବସରପ୍ରାପ୍ତ ବିଚାରପତିମନେ ମାନ୍ୟବର ଏହି ଟିପ୍ପଣୀକୁ ପ୍ରତ୍ୟାହାର କରିବାକୁ ଉଚ୍ଚ ନ୍ୟାଳୟକୁ ଚିଠି ଲେଖିବାକୁ ପଡିଲା । ସମଗ୍ର ନ୍ୟୟପାଳିକ ବିରୁଦ୍ଧରେ ଏ ପ୍ରକାର ଅଭିଯୋଗ ନ୍ୟାୟପଳିକାର ଗାରିମା ଓ ନିରପେକ୍ଷତା ଉପରେ ଏକ ପ୍ରଶ୍ନବାଚି କହିଲେ ଭୁଲ ହେବନାହିଁ । ନ୍ୟାୟପାଳିକା ଆସ୍ତେ ଆସ୍ତେ କଳୁଷିତ ହେଉଛି ଓ ନିରପେକ୍ଷତାଠାରୁ ଦୂରକୁ ଚାଲିଯାଉଛି ବୋଲି କିଛି ଲୋକଙ୍କ ମତ । ଏ ପରିପ୍ରେକ୍ଷୀରେ ଆଜିର ବିଚାରାପତିମାନଙ୍କୁ ଭଗବାନକ ସଦୃଶ୍ୟ ବୋଲି ବିଚାର କରାଯିବକି ? ଏ ପ୍ରଶ୍ନ ଆପଣମାନଙ୍କ ପାଇଁ ।

*ଅବସରପ୍ରାପ୍ତ ପୋଲିସ୍ ଅଫିସର*

## ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି । ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି । ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧ୍ୟାନର ଅଂଶବିଶେଷ । ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ । ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି । ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ । ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ । ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ । ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି । ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି । ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି । ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି । ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି । ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି । ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି । ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି । ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ । ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି ।

## ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଲହରି ସରପଞ୍ଚ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି । ଜଲହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‌ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଲହରି ଗ୍ରାମ ପଞ୍ଚାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ । କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପଞ୍ଚ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‌ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା । ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‌ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପଞ୍ଚ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା । ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପଞ୍ଚ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ । ମାତ୍ର ସରପଞ୍ଚ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ । ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‌ୟାକ୍ ପରିବହନ ହୋଇଛି । ଏହି ପରିବହନ ହୋଇଥିବା ର୍‌ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପଞ୍ଚ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବାଣ୍ଟିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି । ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି । ଏ ସମ୍ପର୍କରେ ଶ୍ରମିକ ନେତା ଜଲହର ସରପଞ୍ଚ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପଞ୍ଚ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି । ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପଞ୍ଚ ଏହାକୁ ଅଣଦେଖା କରୁଥିବା କହିଛନ୍ତି । ସ୍ଥାନୀୟ ସରପଞ୍ଚ ମିତା ମୁଣ୍ଡା, ପୂର୍ବତନ ସରପଞ୍ଚ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ଜଲହରି ସରପଞ୍ଚ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଲହରି ସରପଞ୍ଚ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି ।

## କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି । ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ । ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା । ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା । ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍ୱତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା । ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା । ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି । ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି । ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ । ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି । ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି । ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା । ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି । ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି ।''

## କେନ୍ଦୁଝର ଜିଲ୍ଲାରୁ ପୁଣି ୬୩ ଜଣ ନୂତନ କରୋନା ଚିହ୍ନଟ : ଜିଲ୍ଲାର ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ହେଲା

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରୁ ଶୁକ୍ରବାର ଦିନ ୬୩ ଜଣ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ସୂଚନା ମିଳିଛି । ଶୁକ୍ରବାର ସକାଳ ୯ଟା ସୁଦ୍ଧା ଜିଲ୍ଲାର ମୋଟ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୫୮୫୫ ରେ ପହଞ୍ଚିଛି । ଏଥିମଧ୍ୟରୁ ୫୩୭୪ ଜଣ ଆରୋଗ୍ୟ ଲାଭ କରି ଘରକୁ ଫେରି ସାରିଛନ୍ତି । ଇତିମଧ୍ୟରେ ଜିଲ୍ଲାରୁ ୧୩ ଜଣ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ହୋଇ ସାରିଥିବାବେଳେ ଏବେ ମଧ୍ୟ ୪୬୮ ଆକ୍ଟିଭ କେଶ ରହିଥିବା ଜଣାପଡିଛି । ଶୁକ୍ରବାର ଚିହ୍ନଟ ୬୩ ଜଣ ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ଆନନ୍ଦପୁର ବ୍ଲକ କର୍ଣ୍ଣିପାଳରୁ ୨ଜଣ,ଆନନ୍ଦପୁର ପୌରପାଳିକା ୪ନଂ ୱାର୍ଡରୁ ଜଣେ ଓ ୧୦ନଂ ୱାର୍ଡରୁ ଜଣେ,ଚମ୍ପୁଆ ବ୍ଲକ ଭୁଇଁପୁରରୁ ୪ଜଣ ଓ ଭଣ୍ଡାରୁ ଜଣେ, ଘସିପୁରା ବ୍ଲକ ବରିପାଳରୁ ଜଣେ, ବାଟୋରୁ ୨ଜଣ,ଗଁପୁରରୁ ଜଣେ, ଗୋହିରାରୁ ଜଣେ,ଖାଳିଆମେଣ୍ଟାରୁ ଜଣେ ଓ ମଦନପୁରରୁ ଜଣେ,ଘଟଗାଁ ବ୍ଲକ ବିନିଦାରୁ ଜଣେ, ମୁକ୍ତାପୁରରୁ ଜଣେ, ଢ଼େଙ୍କିକୋଟରୁ ୨ଜଣ, ବଡଜାମୁପଶିରୁ ୨ଜଣ ଓ ତରାରୁ ୪ଜଣ, ହାଟଡିହି ବ୍ଲକ ଢ଼େଙ୍କାରୁ ୩ଜଣ, ଝୁମ୍ପୁରା ବ୍ଲକ ଝୁମ୍ପୁରାରୁ ଜଣେ, ଯୋଡା ବ୍ଲକ ବଲାଣିରୁ ୨ଜଣ ଓ ବିରିକଳାରୁ ଜଣେ,ଯୋଡା ପୌରପାଳିକା ୨ନଂ ୱାର୍ଡରୁ ଜଣେ, ୩ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ଜଣେ, ୬ନଂ ୱାର୍ଡରୁ ଜଣେ ଓ ୮ନଂ ୱାର୍ଡରୁ ୩ଜଣ, କେନ୍ଦୁଝରଗଡ ପୌରପାଳିକା ୨ନଂ ୱାର୍ଡରୁ ଜଣେ,୫ନଂ ୱାର୍ଡରୁ ୨ଜଣ,୬ନଂ ୱାର୍ଡରୁ ଜଣେ,୮ନଂ ୱାର୍ଡରୁ ଜଣେ,୧୨ନଂ ୱାର୍ଡରୁ ଜଣେ,୧୩ନଂ ୱାର୍ଡରୁ ୨ଜଣ,୧୭ନଂ ୱାର୍ଡରୁ ଜଣେ,୨୦ନଂ ୱାର୍ଡରୁ ଜଣେ ଓ ୨୧ନଂ ୱାର୍ଡରୁ ଜଣେ,ପାଟଣା ବ୍ଲକ ବାଉଁଶୁଳୀରୁ ଜଣେ, କେନ୍ଦୁଝର ସଦର ବ୍ଲକ ଶିରିଶପାଳରୁ ଜଣେ, ନରଣପୁରରୁ ଜଣେ, ରାଇସୁଆଁରୁ ଜଣେ ଓ ପଳାଶପଙ୍ଗାରୁ ଜଣେ, ସାହାରପଡା ବ୍ଲକ ଖାଡିଆବେଡାରୁ ୨ଜଣ, ତେଲକୋଇ ବ୍ଲକ କରଦାଙ୍ଗିରୁ ଜଣେ, ସଲେଇକେନାରୁ ୩ଜଣ ଓ ଜଗମୋହନପୁରରୁ ଜଣେ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ପ୍ରଶାସନ ସୂଚନା ଦେଇଛି ।

## 'ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର' ପୁସ୍ତକ ଉନ୍ମୋଚିତ

କେନ୍ଦ୍ରାପଡ଼ା, (ପି.ଏନ): 'ଦୁଃଖିନୀ କନିକା'ର ରଚୟିତା ସ୍ୱାଧୀନତା ସଂଗ୍ରାମୀ, ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ସ୍ମୃତି କମିଟି ପକ୍ଷରୁ "ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର" ପୁସ୍ତକକୁ ଓଡିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବୁଧବାର କେନ୍ଦ୍ରାପଡା ଟାଉନ ହଲ ପରିସରରେ ଉନ୍ମୋଚନ କରି କହିଥିଲେ ଯେ "ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନୀ ଓ ତାଙ୍କ ଜୀବନଚର୍ଯ୍ୟା ଦେଶର ପ୍ରତିଟି ଘରେ ଘରେ ପହଂଚିବା ଦରକାର । ଯାହା ଫଳରେ ଦେଶର ଅଗଣିତ ଜନତା ଦେଶ ପ୍ରେମରେ ଉଦ୍‌ବୁଦ୍ଧ ହୋଇପାରିବେ । ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନା ଥିଲେ ଜଣେ ନିର୍ଭୀକ ଲେଖକ ଓ ତ୍ୟାଗପୂତ ଜୀବନାଦର୍ଶନର ଏକ ଅନନ୍ୟ ଉଦାହରଣ" । ସଂଗ୍ରାମୀ ଆନନ୍ଦ ଚନ୍ଦ୍ରଙ୍କ ଜୀବନଗାଥା ଓ ତାଙ୍କ ଚର୍ଚ୍ଚିତ କବିତା "ଦୁଃଖିନୀ କନିକା" ଉପରେ ଆଲୋକପାତ କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଲେ ଯେ "ମହାତ୍ମା ଗାନ୍ଧୀଙ୍କ ସଂପାଦିତ ୟଙ୍ଗ ଇଣ୍ଡିଆର ଇଂରାଜୀ ଅନୁବାଦରେ ପ୍ରକାଶିତ ଏହି "ଦୁଃଖିନୀ କନିକା" ସେତେବେଳେ ସାରା ଭାରତ ବର୍ଷରେ ଚାଂଚଲ୍ୟ ସୃଷ୍ଟି କରିଥିଲା ।" ଘରେ ଘରେ ତ୍ରୀରଙ୍ଗା ଓ ଦେଶ ପ୍ରେମର ଅମୃତ ବାଣୀ ପହଂଚାଇବାକୁ ସେ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହି ଉତ୍ସବରେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ବିଭାଗ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ କନିକା ପ୍ରଜା ଆନ୍ଦୋଳନରେ କାଳଜୟୀ ଭୂମିକା ଉପରେ ଆଲୋକପାତ କରି କହିଲେ "ଦୁଃଖିନୀ କନିକାକୁ ତତକାଳୀନ ଇଂରେଜ ସରକାର ବାଜ୍ୟାପ୍ତ କଲାପରେ ଏହାର ଇଂରାଜୀ ଅନୁବାଦ ପଢି ପଣ୍ଡିତ ମଦନ ମୋହନ ମାଲବ୍ୟ, ଲାଲ ଲଜପତ ରାୟ, ଆଚାର୍ଯ୍ୟ କୃପାଳିନୀ, ଚିତରଂଜନ ଦାସ, ଡଃ. ସବର କର ଓ ସ୍ୱୟଂ ଗାନ୍ଧିଜୀ ପ୍ରମୁଖ ନେତୃତ୍ୱମାନେ ହତବାକ ହୋଇ ଯାଇଥିଲେ । ଏହି ଭଳି ଏକ ବିପ୍ଳବୀ ସ୍ୱାଧୀନତା ସଂଗ୍ରାମୀ ଓ ଲେଖକଙ୍କ ପାଇଁ ଆମ କେନ୍ଦ୍ରାପଡା ମାଟି ଓ ଆମ୍ଭେମାନେ ଗୌରବାନିତ୍ୱ" ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ । ଉତ୍ସବରେ ବିଶିଷ୍ଟ ଅତିଥି ଭାବେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଯୋଗଦେଇ ସ୍ୱାଧୀନତା ସଂଗ୍ରାମରେ ବିପ୍ଳବୀ ଆନନ୍ଦ ଚନ୍ଦ୍ର ଜେନାଙ୍କ ଯୋଗଦାନ ଓ କନିକା ରାଜାଙ୍କ ଅକ୍ରୋସର ଶିକାର ହୋଇ ନିର୍ଯ୍ୟାତିତ ହୋଇଥିବା ଘଟଣାବଳୀ ଉଲ୍ଲେଖ କରିଥିଲେ । ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ସଭାପତି ନିଳମଣୀ ସାମଲ ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ରର ପ୍ରକାଶକ ଓ ଗୁରୁଜୀ ଗ୍ରୁପର ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ଡଃ. ହୟଗ୍ରୀବ ହରେକୃଷ୍ଣ ଗୁରୁ ସ୍ୱାଧୀନତା ସଂଗ୍ରାମରେ କନିକା ପ୍ରଜା ଆନ୍ଦୋଳନ ଓ ବିପ୍ଳବୀ ଅନନ୍ଦ ଚନ୍ଦ୍ର ଜେନାଙ୍କ ଉପରେ ଆଲୋଚନା କରିଥିଲେ । ସ୍ମୃତି କମିଟି ଉପଦେଷ୍ଟା ସାମ୍ବାଦିକ ଅମ୍ବିକା ପ୍ରସାଦ ଦାସ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସ୍ମୃତି କମିଟିର ସଭାପତି କରୁଣାକର ଦାସ ସଭାପତିତ୍ୱ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଲେଖକ ନିରଞ୍ଜନ ମେକାପଙ୍କ ରଚିତ "ଅଗ୍ନିପୁତ୍ର ବିପ୍ଳବୀ ଆନନ୍ଦ ଚନ୍ଦ୍ର" ପୁସ୍ତକ ଉନ୍ମୋଚିତ ହୋଇଥିଲା । ଏହି ଅବସରରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ । ପୂର୍ବତଟ ରେଳପଥର ବରିଷ୍ଠ ଜନ ସଂପର୍କ ଅଧିକାରୀ ତଥା କବି ନିରାକାର ଦାସ, ରାଜ୍ୟ ସ୍ୱାଧୀନତା ସଂଗ୍ରାମୀସଂଘର ସଭାପତି ନିଳମଣୀ ସାମଲ, ପୌରାଧ୍ୟକ୍ଷା ସରିତା ସାହୁ, ବିପ୍ଳବୀଙ୍କ ଦାୟଦ ସଞ୍ଜୟ ଜେନା ପ୍ରଭୃତିଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ । ଦଶଜଣ କୃତୀ ଛାତ୍ରଛାତ୍ରୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା ।

## କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି । ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି । ରଙ୍ଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲୁପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିପଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ । ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି । ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି । ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଌକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ ।ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର । ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ । ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଋହୁଁଛୁ । ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି । ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଢ଼ଇବାକୁ ଆଶା ରଖିଛୁ । ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି ।




# ସୁଶାନ୍ତଙ୍କ ସ୍ୱଦେଶୀ କ୍ରାନ୍ତି ମିଶନ





ଭୁବନେଶ୍ୱର (ପିଏନ୍): ସ୍ନେହ ଓ ଶ୍ରଦ୍ଧାର ପର୍ବ ରକ୍ଷା ବନ୍ଧନ। ଗାଁଠୁ ସହର ରାଖୀର ପସରା ମେଲିଲାଣି। ରାଖୀ ପୂର୍ଣ୍ଣମୀକୁ ନଜରରେ ରଖି ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ୩ ବର୍ଷ ହେଲା ନିଜର ଦୃଢ ଇଚ୍ଛାଶକ୍ତି ଏବଂ ପରିଶ୍ରମ ବଳରେ ନୂଆ ସମ୍ଭାବନା ସୃଷ୍ଟି କରି ଆରମ୍ଭ କରିଛନ୍ତି ସ୍ୱଦେଶୀ କ୍ରାନ୍ତି ମିଶନ୍। ସାଧାରଣତଃ ବଜାରରେ ଉପଲବ୍ଧ ରାଖୀ ଏବଂ ଏଥିରେ ବ୍ୟବହୃତ ସାମଗ୍ରୀ ପରିବେଶ ପାଇଁ ବିପଦ ସୃଷ୍ଟି କରିଥାଏ। ମାତ୍ର ସୁଶାନ୍ତ ନିଜର ଅଧ୍ୟବସାୟ ବଳରେ ପରିବେଶ ଅନୁକୂଳ ରାଖୀ ତିଆରି କରିଛନ୍ତି। ସ୍ଥାନୀୟ ଅଞ୍ଚଳରୁ ବିଭିନ୍ନ ସାମଗ୍ରୀ ଯଥା- କଳାଧାନ, ଧଳାଧାନ, ନାଲିଧାନ, ବାଜରା, ସୂର୍ଯ୍ୟମୁଖୀ, କଖାରୁ, ଘରମଗଜ ଇତ୍ୟାଦି ବିହନ ସହ ତୁଳା, କାଠି, କାଗଜ, ନଡ଼ା, ସୂତା ଆଦିକୁ ବ୍ୟବହାର କରି ପରିବେଶକୁ ସୁହାଇଲା ଭଳି ଅର୍ଥାତ୍ (ଇକୋ-ଫ୍ରେଣ୍ଡଲି) ଶସ୍ତା ସ୍ୱଦେଶୀ ରାଖୀ ପ୍ରସ୍ତୁତ କରିଛନ୍ତି। ଏଥିରେ ତାଙ୍କ ପତ୍ନୀ ଅନସୂୟା ସାହୁ ଏବଂ ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତ ସହଯୋଗ କରୁଛନ୍ତି। ଏହି ରାଖିଗୁଡ଼ିକ ଆକର୍ଷଣୀୟ ହେବା ସହ ଲୋକମାନଙ୍କର ମନ ଜିଣିପାରୁଛି। ରାଖୀକୁ ଶୈଳଶ୍ରୀ ବିହାର, ପଟିଆ, ଜଟଣୀ ଏବଂ ପୋଖରୀପୁଟ ଆଦି ଅଞ୍ଚଳକୁ ବିକ୍ରୀ ପାଇଁ ପଠାଯାଉଛି। ଚଳିତବର୍ଷ ମନକୁ ଛୁଇଁଲା ପରି ଏବଂ ରାଖୀର ମହତ୍ୱକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତୁତ କରିଛନ୍ତି କଣ୍ଢେଇ ରାଖୀ ଏବଂ ରାଷ୍ଟ୍ରପତି ରାଖୀ। ବଜାରରେ ରାଖୀର ମୂଲ୍ୟ ୨୦ ଟଙ୍କାରୁ ଧରି ୫ ହଜାର ଟଙ୍କା ମଧ୍ୟରେ ବିକ୍ରୀ ହେଉଥିବା ବେଳେ ସୁଶାନ୍ତଙ୍କ ପରିବେଶ ଅନୁକୂଳ ରାଖୀ ୧୦ ଟଙ୍କାରୁ ୧୨୦ ଟଙ୍କା ମୂଲ୍ୟରେ ବିକ୍ରୀ କରାଯାଉଛି। ଚଳିତବର୍ଷ ଦୁଇହଜାର ରାଖୀ ତିଆରି କରାଯାଇଥିବା ସୁଶାନ୍ତ କହିଛନ୍ତି। ପ୍ରତିବର୍ଷ ନିଆରା ସ୍ୱଦେଶୀ ସାମଗ୍ରୀ ଓ ପରିବେଶକୁ ସୁହାଇଲା ଭଳି ରାଖୀ ପ୍ରସ୍ତୁତ କରୁଥିବା ଏହି ଦମ୍ପତି ପାରମ୍ପରିକ ରାଖୀ ଜରିଆରେ ସମ୍ପର୍କର ବନ୍ଧନ ସହିତ ପ୍ରକୃତିର ବନ୍ଦନା କରିବାର ବାର୍ତ୍ତା ଦେଇଥାନ୍ତି। ଆଗକୁ ଏହି ଇକୋ-ଫ୍ରେଣ୍ଡ୍ଲି ରାଖୀ ଭାରତର କୋଣ ଅନୁକୋଣରେ ସୁଲଭ ମୂଲ୍ୟରେ ପହଞ୍ଚାଇବାକୁ ସୁଶାନ୍ତ ଲକ୍ଷ୍ୟ ରଖିଛନ୍ତି।



## ଆନନ୍ଦ ଆଶ୍ରମରେ ଜନ୍ମଦିନ ପାଳିଲେ ବିଜୟଲକ୍ଷ୍ମୀ ଦାଶ



ଭୁବନେଶ୍ୱର (ପିଏନ୍): ସାମାଜିକ ଅନୁଷ୍ଠାନ ମହିମା ସେବା ଫାଉଣ୍ଡେସନ ପକ୍ଷରୁ ୟୁନିଟ୍-୩ ସ୍ଥିତ ବୃଦ୍ଧାଶ୍ରମ ଆନନ୍ଦ ଆଶ୍ରମ ପରିସରରେ ସମାଜସେବିକା ବିଜୟଲକ୍ଷ୍ମୀ ଦାଶଙ୍କ ୨୯ତମ ଜନ୍ମଦିବସ ପାଳିତ ହୋଇଯାଇଛି। ଅସହାୟ ବୃଦ୍ଧ ବୃଦ୍ଧାମାନଙ୍କୁ ରନ୍ଧା ଖାଦ୍ୟ ବଂଟନ ସହ ଗୋଟିଏ ଗ୍ରାଇଣ୍ଡର ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ସୁବିଧା ନିମନ୍ତେ ପ୍ରଦାନ କରାଯାଇଥିଲା। କେକ୍ କାଟିବା ଓ ମହମବତୀ ଲଗାଇ ଲିଭାଇବା ପରମ୍ପରାକୁ ବାଦ୍ ଦେଇ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୁଭଜନ୍ମୋତ୍ସବ ଉକ୍ତ ଆଶ୍ରମରେ ପାଳନ କରାଯାଇଥିଲା, ଯାହାକି ଏକ ନିଆରା ପରିବେଶ ସୃଷ୍ଟି କରିଥିଲା। ଉକ୍ତ ଆଶ୍ରମର ମୁଖ୍ୟ ପରିଚାଳକ ପଦ୍ମଚରଣ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ତଥା ମହିମା ସେବା ଫାଉଣ୍ଡେସନର ସଭାପତି ନାରାୟଣ ଖୁଂଟିଆ, ସମ୍ମାନିତ ଅତିଥି ଭାବେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ସାହୁ, ଆଶୁତୋଷ ଉପସ୍ଥିତ ରହିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ପିଙ୍କିନା ପ୍ରଧାନ।

# ମୁକୁଳା ଟ୍ରାନ୍ସଫରମର୍‌କୁ ନେଇ ଜନଅସନ୍ତୋଷ: ଗଲାଣି ୬ ପଶୁଙ୍କ ଜୀବନ, ପ୍ରଶାସନ ନୀରବ



ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ଗ୍ରାମପଂଚାୟତର ଗାଙ୍ଗୋତ୍ରୀ ନଗର (Road No-3)ର ପ୍ରବେଶ ପଥଠାରେ ଏକ ଟ୍ରାନ୍ସଫରମର ମୁକୁଳା ହୋଇ ପଡିରହିଛି। ଗାଈ, ଗୋରୁ, ମଣିଷ, ଛୋଟ ପିଲା ସ୍କୁଲ ଦେଇ ସେଇ ବାଟେ ଯିବା ଆସିବା କରୁଥିବାରୁ ସେମାନଙ୍କ ଜୀବନ ବିପଦରେ ପଡିଛି। କିଛିଦିନ ପୂର୍ବରୁ ଟ୍ରାନ୍ସଫରମର ପାଖରେ ଘାସ ଖାଉଥିବା ସମୟରେ ଟ୍ରାନ୍ସଫରମର ସମ୍ପର୍କରେ ଆସି ଗୋଟିଏ ଗାଈର ମୃତ୍ୟୁ ହୋଇଥିଲା। ଏହାପୂର୍ବରୁ ୩, ୪ଟି ପଶୁଙ୍କର ଉକ୍ତ ସ୍ଥାନରେ ମୃତ୍ୟୁ ଏବଂ ଗୁରୁତର ଭାବେ ଆହତ ହୋଇଛନ୍ତି। ଟ୍ରାନ୍ସଫରମଟି ମୁକୁଳା ହୋଇପଡିଥିବାରୁ ରାତି ସମୟରେ ସାଧାରଣ ଲୋକ ଗମନାଗମନ କରିବା ସମୟରେ ତାଙ୍କ ଗାଡି କିମ୍ବା ଚଲାପଥରେ ବ୍ୟାପକ ବାଧକ ସୃଷ୍ଟି ହେଉଛି। ବାରମ୍ବାର ବିଦ୍ୟୁତ୍ ବିଭାଗର ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କନିଷ୍ଠ ଯନ୍ତ୍ରୀ କହୁଛନ୍ତି ଏସଡିଓଙ୍କୁ କହିବା ପାଇଁ, ଏସଡିଓ କହୁଛନ୍ତି ନିର୍ବାହୀ ଯନ୍ତ୍ରୀଙ୍କୁ କହିବା ପାଇଁ। ଫଳରେ ମଣିଷ ଓ ପଶୁଙ୍କ ଜୀବନ ବାଜିରେ ଲାଗିଛି। ଏଣୁ ତୁରନ୍ତ ଗ୍ରୀଲ୍ କିମ୍ବା ଲୁହାବାଡ ଉକ୍ତ ସ୍ଥାନରେ ସ୍ଥାପନ କରି ମଣିଷ ଏବଂ ପଶୁପକ୍ଷୀଙ୍କ ଜୀବନ ରକ୍ଷାକରିବା ପାଇଁ ଗାଙ୍ଗୋତ୍ରୀ ନଗର ବାସିନ୍ଦା ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଗ୍ରୀନ ଡେଭଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ ବନମହୋତ୍ସବ ଜଗନ୍ନାଥପୁରରେ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ମା' ରାମଚଣ୍ଡୀ ମନ୍ଦିର ପରିସରରେ ଅଗ୍ରଣୀ ପ୍ରକୃତିପ୍ରେମୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରୀନ ଡେଭଲପମେଣ୍ଟ ଫାଉଣ୍ଡେସନ ମାଧ୍ୟମରେ ୭୩ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକି ଆଲୋଚନାଚକ୍ର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରକୃତିବନ୍ଧୁ ସନ୍ତୋଷ କୁମାର ଜେନା ଯୋଗଦେଇ ପରିବେଶ ପ୍ରଦୂଷଣ ଯୋଗୁଁ ବିଶ୍ୱ ତାପାୟନ ବୃଦ୍ଧି ପାଇଛି। ଏହାଦ୍ୱାରା ଜଳବାୟୁର ପରିବର୍ତ୍ତନ ଘଟିଛି। ପ୍ରାକୃତିକ ବିପର୍ଯ୍ୟୟ ମହାବାତ୍ୟା, ମହାବନ୍ୟା, ସୁନାମୀ, ଭୂମିକମ୍ପ, ଅଜଣା ରୋଗ, ମରୁଡି, ଅଂଶୁଘାତ, ବିଶ୍ୱ ମହାମାରୀ କରୋନା ଭଳି ଭୟଙ୍କର ରୋଗ ଦେଖାଦେଇ ଲକ୍ଷ ଲକ୍ଷ ମାନବ ଜୀବନ ମୃତ୍ୟୁ ମୁଖରେ ପଡୁଛି। ଏଥିରୁ ରକ୍ଷା ପାଇବା ପାଇଁ ବହୁଳ ଭାବରେ ବୃକ୍ଷରୋପଣ କରାଯିବା ସହ ପୁରୁଣା ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ସୁରେନ୍ଦ୍ରନାଥ ବେହେରା, ଦେବକାନ୍ତ ମଲ୍ଲ, ରଞ୍ଜନ କୁମାର ନାୟକ, ଭଞ୍ଜକିଶୋର ଦାସ, ଅବସରପ୍ରାପ୍ତ ସୈନିକ ମୁରଲୀଧର ଦାସ, ଯୁଧିଷ୍ଠିର ସ୍ୱାଇଁ, ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ଅବସରରେ ପିଜୁଳି, ଅଁଳା, ଆକାଶି, ସୁନାରୀ, ଲେମ୍ବୁ, ଶିଶୁ ଆଦି ବୃକ୍ଷର ଚାରାରୋପଣ କରିଥିଲେ।

# ସ୍କାନ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ



ସମ୍ବଲପୁର (ପିଏନ୍): ସୋସିଆଲ ଏଣ୍ଡ କଲଚରାଲ ଏଡଭାନ୍ସ ନେଟୱାର୍କ (ସ୍କାନ) ପକ୍ଷରୁ ଦୁର୍ଗାପାଲି ସ୍ଥିତ ଖଡିଆପଡ଼ା କଲ୍ୟାଣ ମଣ୍ଡପଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଶ୍ରମ, ନିଯୁକ୍ତି ଓ ରାଜ୍ୟ କର୍ମଚାରୀ ବୀମା ବିଭାଗୀୟ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଦିବାସୀମାନଙ୍କ ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ବିଧାୟିକା ଡକ୍ଟର ରାସେଶ୍ୱରୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ ଯୋଗ ଦେଇଥିଲେ। ସ୍କାନର ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାରଣା ସଭା ପ୍ରାରମ୍ଭରେ ଅତିଥିମାନଙ୍କ ପରିଚୟ ପ୍ରଦାନ ପୂର୍ବକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଦୁର୍ଗାପାଲି ଗ୍ରାମ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମସ୍ତ ଅତିଥିମାନଙ୍କ ସହ ସ୍କାନର ସଦସ୍ୟଗଣ ଏବଂ ଖଡିଆପଡ଼ା ଓ ଦୁର୍ଗାପାଲି ଗ୍ରାମବାସୀମାନେ ମିଳିତ ଭାବେ ୧୫୦ ଚାରା ରୋପଣ କରିଥିଲେ। ଏଥିରେ ଆମ୍ବ, ନିମ୍ବ, ଜାମୁ, ବେଲ, କୃଷ୍ଣଚୂଡ଼ା ପ୍ରଭୃତି ଚାରା ରୋପଣ କରାଯାଇଥିବା ବେଳେ ଏହାର ରକ୍ଷଣାବେକ୍ଷଣ ନିମନ୍ତେ 'ସ୍କାନ' ପକ୍ଷରୁ ସ୍ଥାନୀୟ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମଲେଶ୍ୱରୀ ଟ୍ରଷ୍ଟବୋର୍ଡର ସଭାପତି ସଞ୍ଜୟ ବାବୁ, ବିଜୁ ଜନତାଦଳ ମହାନଗର ସଭାପତି ପ୍ରଫୁଲ୍ଲ ଦାସ, ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଜିଲ୍ଲା ଓବିସି ମଂଚ ଆବାହକ ସରୋଜ ସାହୁ, ଡକ୍ଟର ସଂଯୁକ୍ତା ମେହେର, ତ୍ରିବେଣୀ ପଣ୍ଡା, ଶାନ୍ତି କର ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଗାପାଲି ଗ୍ରାମର ବରିଷ୍ଠ ନାଗରିକ ଦ୍ୱାରିକା ପ୍ରସାଦ ମିଶ୍ର, ରମେଶ ଚନ୍ଦ୍ର ସେଠ, ଚୈତନ୍ୟ ମେହେର, ଜୟମଙ୍ଗଳ ସାହୁ, ଯୋଗେଶ୍ୱର ବନଛୋର, ରାଜାରାମ ବାରିକ, ଜହର ମଣ୍ଡଳ, ରାଧେଶ୍ୟାମ ବାରିକ, ଆଲୋକ ମିଶ୍ର, ଡମ୍ବରୁ ଖଡିଆ, ଗୋପୀ ଖଡିଆ ପ୍ରମୁଖଙ୍କ ସହଯୋଗରେ ସ୍କାନ ଅନୁଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ସୂର୍ଯ୍ୟକୁମାର ପଣ୍ଡା, ଜିତେନ୍ଦ୍ର ପାତ୍ର, ପ୍ରଦ୍ୟୁମ୍ନ ସେଠୀ, ଅମ୍ବୁଜ ନାଏକ, ଚିତରଂଜନ ପଣ୍ଡା, ଦିନରଂଜନ ଦାସ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ 'ସ୍କାନ'ର ସଂପାଦକ କୁଳଶେଖର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



# କେନ୍ଦ୍ରାପଡାରେ ଅଗଷ୍ଟ କ୍ରାନ୍ତୀ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଗରାପୁର ଡାକବଙ୍ଗଳା ପରିସରରେ ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ପକ୍ଷରୁ ଅଗଷ୍ଟକ୍ରାନ୍ତୀ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଡାକବଙ୍ଗଳା ସମ୍ମୁଖରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାର୍ଲାର୍ପଣ କରାଯାଇଥିଲା। ଏହି ଉପଲକ୍ଷେ ପରିଷଦର ସଭାପତି ଭଜକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟିକା ଡଃ. ସିପ୍ରା ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ନଗରପାଳ ସରିତା ସାହୁ, ପ୍ରାଧାପକ ନନ୍ଦ କିଶୋର ପରିଡା, କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଧାପକ ଅଜୟ ସାମଲ, ଡଃ. ବାସୁଦେବ ଦାସ ପ୍ରମୁଖ ଯୋଗଦେଇ ୧୯୪୨ମସିହାରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ସମଗ୍ର ଭାରତ ବର୍ଷର ଲୋକମାନେ ବ୍ୟାପକ ଗଣ ଆନ୍ଦୋଳନ କରିବା ଫଳରେ ବ୍ରିଟିସ ସରକାର ଭାରତ ଛାଡିବାକୁ ବାଧ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତାର ପ୍ରଭାବ କିଭଳି ସମଗ୍ର ଭାରତବାସୀଙ୍କୁ ଉଦ୍‌ବୁଦ୍ଧ କରିଥିଲା ସେ ସମ୍ପର୍କରେ ବକ୍ତାମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୭ନମ୍ବର ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ୫ନମ୍ବର ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ,କେନ୍ଦ୍ରାପଡା ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଦୁର୍ଗାଶିଷ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ପୂର୍ବତନ ନଗରପାଳ ଧିରେନ ସାହୁ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, କରୁଣାକର ଦାସ, ଶିବ ପ୍ରସାଦ ଭଳ, ବିଜେଡି ରାଜ୍ୟ ସମ୍ପାଦକ ରଞ୍ଜିତ କୁମାର ସାହୁ, ଦୁଷ୍ମନ୍ତ ମଲିକ,ବିଜେଡି ନଗର ଆଇଟି ସେଲର ଦେବେନ୍ଦ୍ର ଦାସ, ମହାକାଳପଡା ବିକାଶ ମଞ୍ଚର ସଭାପତି କାଶିନାଥ ରାଉତରାୟ, ଅମୀୟ ନାୟକ, ବୈଷ୍ଣବ ସ୍ୱାଇଁ, ରଞ୍ଜନ ସାହୁ, ପ୍ରମୋଦ ପ୍ରଧାନ ପ୍ରମୁଖ ଯୋଗଦେଇ ଅଗଷ୍ଟ କ୍ରାନ୍ତି ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ କେନ୍ଦ୍ରାପଡା ଜିଲ୍ଲାର ବିକାଶ ପାଇଁ ପ୍ରଫେସର ପରିଡା ଓ ଅଧାପକ ସାମଲ ପ୍ରମୁଖ କେନ୍ଦ୍ରାପଡାରେ ମେଡିକାଲ କଲେଜ, ବିଶ୍ୱ ବିଦ୍ୟାଳୟ ଓ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଏବଂ କେନ୍ଦ୍ରାପଡା ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ କରିବା ନିମନ୍ତେ ସମସ୍ତଙ୍କୁ ଏକଜୁଟ ହୋଇ ଦାବି ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟିକା ଡଃ. ମଲ୍ଲିକ ଓ ସାହିତ୍ୟିକ ଡଃ. ଦାସ ସରକାରଙ୍କ ନିକଟରେ ଏହି ବାର୍ତ୍ତା ପହଞ୍ଚାଇବାକୁ ଜନଜାଗରଣ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ମୃତି କମିଟି ସଂଯୋଜକ ଡଃ. ଗଦାଧର ମଲ୍ଲିକ ଓ ଆବାହକ ରାଜେଶ ପଣ୍ଡା ସଭାପରିଚାଳନା କରିଥିଲେ। କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ଏକ ଜରୁରୀ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ସଭାର ସଫଳତା କାମନା କରି ଏକ ବାର୍ତ୍ତା ପଠାଇଥିଲେ। ଶେଷରେ କପାଳେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ଗାୟତ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ଟାଉନଥାନା ପୋଲିସ ପକ୍ଷରୁ ବ୍ରାଉନ୍‌ସୁଗାର ଜବତ ଓ ୩ ଗିରଫ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳର ବଡହାଟ ନିକଟସ୍ଥ କେନାଲ କୂଳରୁ ଟାଉନ ଥାନା ପୋଲିସ ଦ୍ୱାରା ବ୍ରାଉନ୍‌ସୁଗାର ଜବତ କରାଯିବା ସହିତ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଯୁବକମାନଙ୍କ ନିକଟରୁ ୯.୫୭ ଗ୍ରାମର ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଗିରଫ ହୋଇଥିବା ଆସାମୀମାନେ ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ଫକିରାବାଦ ଗ୍ରାମର ସେକ୍ ରହିଲ୍, ମହମ୍ମଦ୍ ଇନଜାମୁଲ୍ ହକ୍ ଓ ବଡହାଟ ଗ୍ରାମର ସେକ୍ ଅରସାଦ୍। ଏହି ତିନିଜଣ ବହୁଦିନ ଧରି ବ୍ରାଉନ୍‌ସୁଗାର ବିକ୍ରି କରିବା ସହିତ ସେବନ କରୁଥିଲେ ବୋଲି ଟାଉନ୍‌ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି ସୂଚନା ଦେଇଛନ୍ତି।

## ବେକରେ ରଶି ଲଗାଇ ନାବାଳିକାଙ୍କ ଅତ୍ମହତ୍ୟା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ ବ୍ରାହ୍ମଣଦା ଗ୍ରାମରେ ଜଣେ ନାବାଳିକା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତକ ଜଣକ ହେଲେ ବ୍ରାହ୍ମଣଦା ଗ୍ରାମର ସୁବାସ ଚନ୍ଦ୍ର ବରାଳ ଓ ସମିତିସଭ୍ୟା ତିଳୋତମା ବରାଳଙ୍କ ଝିଅ ସମୀକ୍ଷା ବରାଳ (୧୭)। ସେ ଜାରକାସ୍ଥିତ ଏକ ଘରୋଇ ସ୍କୁଲରେ ପଢୁଥିବା ବେଳେ ଚଳିତ ଥର ସେ +୨ କଳାର ଶେଷ ବର୍ଷ ପରୀକ୍ଷାଦେଇ ତୃତୀୟ ଶ୍ରେଣୀରେ ପାସ କରିଥିଲେ। ତେବେ କୌଣସି କାରଣରୁ ନିଜ ଘରେ ବେକରେ ରଶି ଲଗାଇ ସିଲିଂ ଫ୍ୟାନରେ ଝୁଲି ପଡିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଧର୍ମଶାଳା ପୁଲିସ ଡାକ୍ତରଖାନାରେ ପହଁଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ଜବତ କରି ବଡଚଣା ଡାକ୍ତରଖାନା ପଠାଇ ଘଟଣାର ତଦନ୍ତ ଚଳାଇଛି।

## କ୍ରାନ୍ତି ଦିବସରେ କଂଗ୍ରେସ ପକ୍ଷରୁ ଗାନ୍ଧୀ ମୂର୍ତ୍ତିରେ ମାଲ୍ୟାର୍ପଣ

କେନ୍ଦ୍ରାପଡ଼ା (ପିଏନ୍): ପବିତ୍ର ଅଗଷ୍ଟ ୯କ୍ରାନ୍ତି ଦିବସ ଉପଲକ୍ଷେ କେନ୍ଦ୍ରାପଡାର ଗରାପୁର ଡାକବଙ୍ଗଳା ଛକସ୍ଥିତ ଗାନ୍ଧୀ ମୂର୍ତ୍ତି ଓ କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ପୁରୁଣା ବସଷ୍ଟାଣ୍ଡ, ଇଛାପୁର ଆର.ଡି ଅଫିସ ଛକ, ଭାସ୍କର ଟକିଜ ସନ୍ନିକଟ ଓ କଂଗ୍ରେସ ଭବନ ସ୍ଥିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ମହାତ୍ମା ଗନ୍ଧୀଙ୍କ କର ବା ମର ଆହ୍ୱାନକୁ ସ୍ମରଣ କରିବା ସହ ରାଜ୍ୟ ତଥା ଦେଶର ପୁନଃ ନିର୍ମାଣ ପାଇଁ ଶପଥ ଗ୍ରହଣ କରାଯାଇଥିଲା। ପୁର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ସାମ୍ବିଧାନିକ ତଥା ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ପାଇଁ ଦେଶବାସୀ ଆଉ ଏକ ମହାସଂଗ୍ରାମ ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ। ନିଖିଳ ଭାରତ କଂଗ୍ରେସ କମିଟି ଆହ୍ୱାନରେ ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ଭାରତ ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରସ୍ତାବିତ ସ୍ୱାଧିନତା ସ୍ମାରକୀ ପଦଯାତ୍ରା ସଫଳତାର ସହ କାର୍ଯ୍ୟକାରୀ କରିବାକୁ ଶ୍ରୀ ବେହେରା କଂଗ୍ରେସ କର୍ମୀମାନଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ପ୍ରଫୁଲ ଦାସ, ଆକବର ଅଲ୍ଲୀ, ପ୍ରଦୀପ ମହାନ୍ତି, ମୁକ୍ତାର ଖାଁ, ଚିତ୍ରସେନ ପରିଡା, ସଂଜୟ ରାଉତ, ଯୁବକଂଗ୍ରେସ ନେତା ରତିକାନ୍ତ ସାମଲ, ଧରଣୀ ଧର ସୁଆର, ନଳୀନି କାନ୍ତ ମହାନ୍ତି, ନରେଶ ଜେନା, ରଜନୀ କାନ୍ତ ନାୟକ, ଗୌତମ ପ୍ରଧାନ, ଶେଖ୍ ସରାଫତ, ଶେଖ୍ ହବୋ, ଶେଖ୍ ବାବୁ ପ୍ରମୁଖ ସାମିଲ ହୋଇଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଅଗଷ୍ଟ କ୍ରାନ୍ତିଦିବସରୁ ରାଉରକେଲାରେ ସ୍ୱାଧୀନତାର ଗୌରବ ଯାତ୍ରା ଆରମ୍ଭ

ରାଉରକେଲା, (ପି.ଏନ) : ଭାରତୀୟ ଜାତୀୟ କଂଗ୍ରେସ ତରଫରୁ ସ୍ୱାଧୀନତାର ୭୫ବର୍ଷ ପୂର୍ତ୍ତି ପାଳନ ଅବସରରେ ସ୍ୱାଧୀନତା ସଂଗ୍ରାମୀମାନଙ୍କ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଦେଶବ୍ୟାପି ସ୍ୱାଧୀନତାର ଗୌରବ ଯାତ୍ରା କାର୍ଯ୍ୟକ୍ରମ ଅଗଷ୍ଟ କ୍ରାନ୍ତି ଦିବସ ଠାରୁ ଆରମ୍ଭ କରାଯାଇଛି । ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ସମସ୍ତ ନିର୍ବାଚନ ମଣ୍ଡଳୀ ଓ ସାଙ୍ଗଠନିକ ବ୍ଲକ୍‌ରେ ଅନୁଷ୍ଠିତ ହେବାକୁ ଥିବା ଏହି ଯାତ୍ରା ରାଉରକେଲା ସାଙ୍ଗଠନିକ ଜିଲ୍ଲାର ୫ ନମ୍ବର ବ୍ଲକ୍‌ର କୋଏଲନଗର ଠାରୁ ଗତକାଲି ଆରମ୍ଭ କରାଯାଇଛି । ଜିଲ୍ଲା କଂଗ୍ରେସର ଅନ୍ତରୀଣ ଅଧ୍ୟକ୍ଷ ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ପାଇଁ ଗତକାଲି କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ କୋଏଲନଗର ଡି ବ୍ଲକ୍ ଛକଠାରେ ସମବେତ ହୋଇ ପଣ୍ଡିତ ନେହେରୁଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଏହି ପଦଯାତ୍ରା ଆରମ୍ଭ କରିଥିଲେ । ଏହି ପଦଯାତ୍ରାକୁ ପ୍ରଦେଶ କଂଗ୍ରେସର ପର୍ଯ୍ୟବେକ୍ଷକ ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ଉପସ୍ଥିତ ରହି ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ । ଉକ୍ତ ପଦଯାତ୍ରା କୋଏଲନଗର ଠାରୁ ବାହାରି ଶକ୍ତିନଗର, ଜଗଦା, ଝିରିପାଣି ଅଞ୍ଚଳ ପରିକ୍ରମା କରି ଶେଷରେ କୋଏଲନଗର ଜଗନ୍ନାଥ ମନ୍ଦିର ନିକଟରେ ପହଞ୍ଚିବା ପରେ ଗତକାଲିର କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା । ପୁନଶ୍ଚ ଆଜି ଏହି ଗୌରବମୟ ପଦଯାତ୍ରା ସେକ୍ଟର-୨ ଖରିଆବାହାର ଠାରୁ ବାହାରି ସେକ୍ଟର-୩, ସେକ୍ଟର-୪, କବିସମ୍ରାଟପାଲ୍ଲୀ, ଗୋଲଘର ପରିକ୍ରମା କରି ସେକ୍ଟର-୬ ଠାରେ ସମ୍ପନ୍ନ ହୋଇଥିଲା । ଆଜି ପ୍ରତିକୂଳ ପାଗ ସତ୍ତ୍ୱେ କଂଗ୍ରେସ ନେତୃବୃନ୍ଦ ଓ କର୍ମକର୍ତ୍ତାମାନେ ପଦଯାତ୍ରାରେ ସାମିଲ୍ ହୋଇ ସ୍ୱାଧୀନତାର ଗୌରବମୟ ଇତିହାସ ଓ ପରବର୍ତ୍ତୀ ସମୟରେ ସ୍ୱାଧୀନ ଭାରତରେ କଂଗ୍ରେସର ମହାନ ନେତୃବୃନ୍ଦଙ୍କ ଦ୍ୱାରା କରାଯାଇଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମ ଦେଶକୁ ବିଶ୍ୱ ଦରବାରରେ ପ୍ରତିଷ୍ଠିତ କରିବା ପାଇଁ ଯେଉଁସବୁ ଯୋଜନା ଓ ନୀତି ପ୍ରଣୟନ କରାଯାଇଥିଲା ସେ ସମ୍ପର୍କରେ ପ୍ରସ୍ତୁତ ପ୍ରଚାରପତ୍ର ପଦଯାତ୍ରା ସମୟରେ ବଣ୍ଟନ କରାଯାଇଥିଲା । ଏ ସମସ୍ତ କାର୍ଯ୍ୟକ୍ରମରେ ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ, ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପିସିସି ସାଧାରଣ ସମ୍ପାଦକ ରବି ରାୟ, ୫ ନମ୍ବର ବ୍ଲକ୍ ସଭାପତି ପ୍ରତାପ ବେହେରା, ୬ ନମ୍ବର ବ୍ଲକ୍ ସଭାପତି ରଘୁନାଥ ଦାସ, ୭ ନମ୍ବର ବ୍ଲକ୍ ସଭାପତି ବିଜୟ ଆପଟ, ଜିଲ୍ଲା କଂଗ୍ରେସର ଉପସଭାପତି ସନ୍ତୋଷ ବିଶ୍ୱାଳ, କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ସବୀର ହୁସେନ ଓ ରଶ୍ମିରନ ପାଢୀ, ଏଆଇସିସି ସହଯୋଗୀ ସଦସ୍ୟ ରାଜକୁମାର ଯାଦବ, ମହିଳା ସଭାନେତ୍ରୀ ନିରୂପମା ବଳିୟାରସିଂହ, ଯୁବ କଂଗ୍ରେସ ସଭାପତି ଜ୍ଞାନେନ୍ଦ୍ର ଦାସ, ମୁଖପାତ୍ର କୈଳାସ ଚନ୍ଦ୍ର ସାହୁ ଓ ଆର୍‌ପି ସିଂହ, ନାରୀନେତ୍ରୀ ଲତା ନାୟକ, ବିଜୟଲକ୍ଷ୍ମୀ ପ୍ରଧାନ, ଇନ୍ଦ୍ରମୋହନ ପଣ୍ଡା, ରାଜେଶ ଟପ୍ପୋ, ଆଦେଶ ସୁନା, ଗୀତା ସିଂହ, ପ୍ରଦୀପ ବେହେରା, ଦିଲ୍ଲୀପ ଜେନା, ଭାସ୍କର ଖିଲ୍ଲାର, ସୁଶୀଲ କିଣ୍ଡୋ, ଅଜୟ ଖାଲକୋ, ସାକିର ରାଜା, ସିକନ୍ଦର ଅହମ୍ମଦ, ରେହେମାନ ଖାନ, ରୁକସାନା ବେଗମ, ସୁଧୀର ନାଥ, ବୁଲୁ ଦାସ, ସୁଧୀର ଚୌହାନ, ଅନୀଲ ଗୁରୁଙ୍ଗ, ରୀତା ସୁନା, ସରୋଜ ଲେଙ୍କା, ଧର୍ମା ନାୟକଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଉପରୋକ୍ତ ପଦଯାତ୍ରାରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ପକ୍ଷରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା। ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ। ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ। ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ। ସ୍ୱାତୀର ସମ୍ପାଦକ ଇଂ ହରିଶଙ୍କର ରାଉତ ଉପସ୍ଥିତ ରହି ତାଲିମାର୍ଥୀ ମାନଙ୍କୁ ଜୀବନରେ ବିଭିନ୍ନ ସମୟରେ ଆସୁଥିବା ସଙ୍କଟ ଓ ମହିଳା ମାନଙ୍କ ଉପରେ ଲଦିଦିଆଯାଉଥିବା ଅଧିକ ଦାୟିତ୍ୱକୁ କିଭଳି ତୁଲାଇବାକୁ ହୁଏ ତାହା ଆଶା କର୍ମୀ ଓ ଅଙ୍ଗନୱାଡି କର୍ମୀଙ୍କ ନିକଟରୁ ଶିଖିବା ନିମନ୍ତେ ଉପଦେଶ ଦେଇଥିଲେ। ତାଲିମ୍ କାର୍ଯ୍ୟକ୍ରମରେ ତାଲିମ୍ ଦାତା ଭାବରେ ଶସ୍ମିତା ବେହେରା, ସରସ୍ୱତୀ ବିନ୍ଧାଣୀ, ପ୍ରଦୀପ କୁମାର ସ୍ୱାଇଁ ଓ ବିଶ୍ୱରଞ୍ଜନ କର ତାଲିମ୍ ପ୍ରଦା କରିଥିବା ବେଳେ ନିହାରିକା ବେହେରା ତାଲିମ୍ ପରିଚାଳନା କରିଥିଲେ।

# ଗୋପଛକରେ ସମବାୟ ମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା,(ପି.ଏନ) : କେନ୍ଦ୍ରାପଡା ସହର ଉପକଣ୍ଠ ଗୋପଛକରେ କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟି ଏବଂ କୃଷକ ବିକାଶ ସମବାୟ ସମିତି ଲିଃ ପକ୍ଷରୁ ସମବାୟ ମନ୍ତ୍ରୀ ଅତନୁ ସାବ୍ୟସଚି ନାୟକଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଉଭୟ ସମିତିର ସଭାପତି ପ୍ରମୋଦ ସାହୁ, ଉପସଭାପତି ସାବନା ପରୱିନ ଓ ପାର୍ବତୀ ନାୟକ, ନିର୍ଦ୍ଦେଶକ ପ୍ରକାଶ ଦାସ, ମହେଶ୍ୱର ଜେନା, ମହେନ୍ଦ୍ର ମିଶ୍ର ପ୍ରମୁଖ ମନ୍ତ୍ରୀ ଶ୍ରୀ ନାୟକ ଟାଉନହଲକୁ ଏକ କାର୍ଯ୍ୟକ୍ରମରେ ଯୋଗଦେବାକୁ ଗୋପଛକ ଦେଇ ଆସୁଥିବା ବେଳେ ମନ୍ତ୍ରୀଙ୍କୁ ଗୋପଛକରେ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଳା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଳା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି। ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି। ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି। ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି। ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି। -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି। ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି। ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା। ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

## ରାଜ୍ୟପାଳଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କଲେ ସମବାୟବୀତ ପ୍ରମୋଦ ସାହୁ

କେନ୍ଦ୍ରାପଡ଼ା,(ପି.ଏନ) : ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ବୁଧବାର କେନ୍ଦ୍ରାପଡା ଗସ୍ତରେ ଆସି ପ୍ରଥମେ ପୌରସଂସ୍ଥା ଟାଉନ ହଲ ପରିସରରେ ଏକ ସଭାରେ ଯୋଗଦେବା ପରେ ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମକୁ ଯାଇଥିଲେ। ଆଶ୍ରମ ଫାଟକ ସମ୍ମୁଖରେ କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟି ଏବଂ କୃଷକ ବିକାଶ ସମବାୟ ସମିତି ଲିଃ ପକ୍ଷରୁ ସଭାପତି ପ୍ରମୋଦ ସାହୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ କୃଷକ ବିକାଶ ସମବାୟ ସମିତି ଲିଃର ଉପସଭାପତି ପାର୍ବତୀ ନାୟକ, ସମ୍ପାଦକ ପ୍ରହଲ୍ଲାଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଡିଏଭି ପବ୍ଲିକ ସ୍କୁଲରେ ରକ୍ଷା ବନ୍ଧନ ଉତ୍ସବ ପାଳିତ

କେନ୍ଦ୍ରାପଡ଼ା, (ପି.ଏନ) : କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗରାପୁରସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ରକ୍ଷା ବନ୍ଧନ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜାତି,ଧର୍ମ, ବର୍ଣ୍ଣ ନିର୍ବିଶେଷରେ କୁନି କୁନି ଛାତ୍ରଛାତ୍ରୀମାନେ ନିଜେ ପ୍ରସ୍ତୁତ କରିଥିବା ରାକ୍ଷୀକୁ ତାଙ୍କ ସହପାଠୀଙ୍କ ହାତରେ ବାନ୍ଧିଥିଲେ। ପରମ୍ପରା ଅନୁଯାୟୀ ଧୂପ, ଦୀପରେ ବନ୍ଦାପନା କରିବା ସହ ମୁଣ୍ଡରେ ଚନ୍ଦନର ତିଳକ ଲଗାଇଦେଇ ରକ୍ଷା ବନ୍ଧନ ଉତ୍ସବ ପାଳନ କରିଥିଲେ। ଆଧୁନିକ ସମାଜରେ ପାରମ୍ପରିକ ପ୍ରଥା ପ୍ରତି ବିଦ୍ୱେଶ ଭାବ ଜାଗ୍ରତ ହେଉଥିବା ବେଳେ ପିଲାମାନଙ୍କ ମଧ୍ୟରେ ପରମ୍ପରାକୁ ନେଇ ବିଶେଷ ଆଗ୍ରହ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ରିନୁ ମହାନ୍ତି, ସୋନାଲି ରାଉତ, ସୋନି ବେହେରା, ସୁଭଦ୍ରା ନାୟକ, ପ୍ରଭାସିନି ମହାନ୍ତି, ଚିନ୍ମୟୀ ଦାଶ, ଶୁଭଶ୍ରୀ ସୁତାର ପ୍ରମୁଖ ପରିଚାଳନା କରିଥିବା ସ୍କୁଲ ଅଧକ୍ଷ ରଞ୍ଜନ କୁମାର ବିଶ୍ୱାଳ ସୂଚନା ଦେଇଛନ୍ତି।

# ହରିଦାସପୁର-ପାରାଦୀପ ରେଳପଥରେ ପାସେଞ୍ଜର ଟ୍ରେନ ଚଳାଚଳ ପାଇଁ ରାଜ୍ୟପାଳଙ୍କୁ ସ୍ମାରକପତ୍ର ପ୍ରଦାନ



କେନ୍ଦ୍ରାପଡ଼ା,(ପି.ଏନ) : ହରିଦାସପୁର- ପାରାଦୀପ ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ କରିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟପାଳ ପ୍ରଫେସର ଶ୍ରୀ ଲାଲ ପୌରସଂସ୍ଥା ପରିଚାଳିତ ଦୃଷ୍ଟିହୀନ ବିଦ୍ୟାଳୟକୁ ଯାଇଥିବା ବେଳେ ସମାଜସେବୀ ସମୀର କୁମାର ଚାନ୍ଦ ସେଠାରେ ରାଜ୍ୟପାଳଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ପ୍ରାୟ ଦୁଇବର୍ଷରୁ ଉର୍ଦ୍ଧ୍ୱ ହେବ ଉପରୋକ୍ତ ରେଳପଥ ଦ୍ୱାରା କେନ୍ଦ୍ରାପଡାକୁ ସଂଯୋଗ କରାଯାଇଥିବା ବେଳେ ସେହି ରେଳପଥ ଦେଇ ଏପର୍ଯ୍ୟନ୍ତ କୌଣସି ଯାତ୍ରୀବାହୀ ରେଳ ଚଳାଚଳ କରି ନାହିଁ। ଫଳରେ କେନ୍ଦ୍ରାପଡାର ଜନସାଧାରଣ ଏହି ରେଳପଥର କୌଣସି ସୁଫଳ ପାଇପାରୁ ନାହାନ୍ତି କି ସେମାନଙ୍କ ଆର୍ଥିକ ବିକାଶରେ ଏହି ରେଳପଥ ସହାୟକ ହୋଇପାରିନାହିଁ। ତେଣୁ କେନ୍ଦ୍ରାପଡା ଜନସାଧାରଣଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖାଯାଇ ଏସମ୍ପର୍କରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ନିମନ୍ତେ ସଂପୃକ୍ତ ବିଭାଗକୁ ନିର୍ଦ୍ଦେଶ ପ୍ରଦାନ କରିବାକୁ ସମାଜସେବୀ ଶ୍ରୀ ଚାନ୍ଦ ରାଜ୍ୟପାଳଙ୍କୁ ନିବେଦନ କରିଥିଲେ।

# ମୁଖ୍ୟ ଡାକଘର ସମ୍ମୁଖରେ ଧର୍ମଘଟ

ଜୟପୁର,(ପି.ଏନ): ଜୟପୁର ମୁଖ୍ୟ ଡାକଘର ସମ୍ମୁଖରେ ଧର୍ମଘଟ । କୋରାପୁଟ ଡାକ ମଣ୍ଡଳ ଅନ୍ତର୍ଗତ ଅଲ ଇଣ୍ଡିଆ ପୋଷ୍ଟାଲ ଏମ୍ପ୍ଲୋୟିସ ୟୁନିୟନ,ତୃତୀୟ ଶ୍ରେଣୀ, ପୋଷ୍ଟମେନ ଏବଂ ଏମଟିଏସ ଓ ଗ୍ରାମୀଣ ଡାକ ସେବକ ସଂଘ ତରଫରୁ ସମସ୍ତ କର୍ମଚାରି ମିଳିତ କେନ୍ଦ୍ର ସଂଘର ନିର୍ଦ୍ଦେଶ କ୍ରମେ ସର୍ବଭାରତୀୟ ସ୍ତରରରେ ଦିନିକିଆ ଧର୍ମଘଟର ଆହ୍ୱାନ କ୍ରମେ ସମଗ୍ର କୋରାପୁଟ ଡାକ ମଣ୍ଡଳରେ ଧର୍ମଘଟ କରିଛନ୍ତି । ୪୦ଟି ଉପ ଡାକଘରର ୫ ଶହରୁ ଅଧିକ ଶାଖା ଡାକଘର କର୍ମଚାରୀ ଭାଗ ନେଇ କାଯ୍ୟାଳୟ ବନ୍ଦ ରଖିଛନ୍ତି । ଭାରତୀୟ ଡାକ ବିଭାଗକୁ ଘରୋଇକରଣ କରିବା ଚକ୍ରାନ୍ତରୁ ରକ୍ଷା କରିବା, ଡାକ ମିତ୍ର ଯୋଜନା ପ୍ରଣୟନ ବନ୍ଦ କରିବା ଏବଂ ସିଏସସି ମାଧମରେ ଡାକ ବିଭାଗର ସେବା ଅନ୍ୟ ଦ୍ୱାରା ଉପଲବ୍ଧ କରିବା ବନ୍ଦ କରିବା, ଡାକ ବିଭାଗ ସର୍ବବୃହତ ପୋଷ୍ଟାଲସେଭିଂସ ଓ ବୀମାକୁ ଆଇପିପିବି ବ୍ୟାଙ୍କ ଲିମିଟେଡ ହସ୍ତାନ୍ତର କରିବା ବନ୍ଦ କରିବା, ଏନପିଏସକୁ ବନ୍ଦ କରି ପୁରୁଣା ପେନସନ ବ୍ୟବସ୍ଥା ଲାଗୁ କରିବା ଗ୍ରାମୀଣ ଡାକ ସେବକଙ୍କୁ ସରକାରୀ ମାନ୍ୟତା ଦେବା, ମେଡିକାଲ ସୁବିଧା ସୁଯୋଗ ଦେବା, ବରିଷ୍ଠତା ଆଧାରରେ ପ୍ରମୋଶନ ଦେବା ଆଦି ୧୫ ଦଫା ଦାବି ନେଇ ଏହି ଧର୍ମଘଟ ଦିଆଯାଇଛି ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

# ଖେଳ



ପର୍ଯ୍ୟବେକ୍ଷକ
PARYABEKHYAK

Bhubaneswar Thursday August 11, 2022 ଭୁବନେଶ୍ୱର ଗୁରୁବାର, ଅଗଷ୍ଟ ୧୧,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


## ଅଣପ୍ରଶିକ୍ଷଣପ୍ରାପ୍ତ ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କୁ ଟିଜି ସ୍କେଲ ପ୍ରଦାନ ପାଇଁ ଉଚ୍ଚନ୍ୟାୟାଳୟର ସବୁଜ ସଂକେତ

ଚଣ୍ଡିଖୋଲ,(ପିଏନ) : ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ଅନୁଦାନ ପ୍ରାପ୍ତ ଉଚ୍ଚ ବିଦ୍ୟାଳୟମାନଙ୍କରେ କର୍ତବ୍ୟରତ ଶିକ୍ଷକ ଓ କର୍ମଚାରୀମାନଙ୍କ ସେବା ସର୍ତାବଳୀକୁନେଇ ଦିର୍ଘଦୀନ ଧରି ବିଭିନ୍ନ ଅଦାଲତରେ ହଜାର ହଜାର ମକଦମା ବିଚାର ଚାଲିଥିବାବେଳେ ମାନ୍ୟବର ଉଚ୍ଚ ନ୍ୟାୟାଳୟ ଏକ ଯୁଗାନ୍ତକାରୀ ରାୟ ମାଧ୍ୟମରେ ଅଣପ୍ରଶିକ୍ଷଣପ୍ରାପ୍ତ ଲୋୟର ସ୍କେଲ ପାଉଥିବା ହିନ୍ଦୀ ଓ ସଂସ୍କୃତ ଶିକ୍ଷକଙ୍କୁ ଟିଜି ସ୍କେଲ ପ୍ରଦାନ ସମ୍ବନ୍ଧୀୟ ଜଟିଳ ବିବାଦର ନ୍ୟାୟିକ ସମାଧାନ କରିଛନ୍ତି । ଏଠାରେ ପ୍ରକାଶ ଯୋଗ୍ୟ ଯେ ଶିକ୍ଷା ଆଇନ ୧୯୬୯ର ଧାରା ୩ଖ ପରିସର ଭୁକ୍ତ ସମସ୍ତ ଶିକ୍ଷାନୁଷ୍ଠାନ ପାଇଁ ସେବା ସର୍ତାବଳୀ ନିୟମ ୧୯୭୪ ପ୍ରଯୁଜ୍ୟ ଅଟେ । ଏହି ନିୟମାବଳୀର ଧାରା ୧୬(୨) ଅନୁଯାୟୀ ଅଣପ୍ରଶିକ୍ଷିତ ଅର୍ଥାତ ବି.ଏଡ ଟ୍ରେନିଂ ନେଇନଥିବା ଜଣେ ହିନ୍ଦୀ ବା ସଂସ୍କୃତ ଶିକ୍ଷକଙ୍କୁ ୪୮ ବର୍ଷ ହେବା ଦିନ ଠାରୁ ଟିଜି ସ୍କେଲ ପ୍ରଦାନ କରାଯିବା କଥା ମାତ୍ର ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କିଛି ଅଧିକାରୀ ଆଇନକୁ ଜଳାଞ୍ଜଳି ଦେଇ ଅନ୍ୟାୟ ଭାବେ ଶିକ୍ଷକମାନଙ୍କୁ ମାନସିକ ନିର୍ଯାତନା ଦେଇଅସୁଥିଲେ । ଏହି ବିବାଦ ଦୀର୍ଘଦିନ ଧରି ଓଡିଶା ଉଚ୍ଚ ନ୍ୟାୟାଳୟରେ ବିଭିନ୍ନ ପର୍ଯ୍ୟୟରେ ଶୁଣାଣି ହେଲାପରେ ମାନ୍ୟବର ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଯୁକ୍ତିଯୁକ୍ତ ନ୍ୟାୟସଂଗତ ଓ ଯୁଗାନ୍ତକାରୀ ରାୟ ପ୍ରଦାନ କରି ଏହି ମାମଲାର ପୂର୍ଣ୍ଣଚ୍ଛେଦ ଟାଣିଛନ୍ତି । ମକଦମା ବିବରଣୀରୁ ପ୍ରକାଶ ଏହି ବ୍ୟାଚ୍ କେସ୍ ସମୁହର ପରିଚାଳନାଗତ ନେତୃତ୍ୱ ଉଚ୍ଚ ନ୍ୟାୟାଳୟର ବରିଷ୍ଟ ଆଇନଜୀବି କୁନାଳ କୁମାର ସ୍ୱାଇଁ ନେଇଥିଲେ । ତାଙ୍କ ଆଇନସଂଗତ ଓ ଯୁକ୍ତିଯୁକ୍ତ ଉପସ୍ଥାପନା ଶୈଳୀ ପାଇଁ ହଜାର ହଜାର ଶିକ୍ଷକଙ୍କ ଦୀର୍ଘ ଦିନର ସମସ୍ୟା ସମାଧାନ ହୋଇପାରିଲା ବୋଲି ୪୮ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ସଂଘର ଆବାହକ ଅକ୍ଷୟ କୁମାର ନାୟକ ଓ ତପନ କୁମାର ନନ୍ଦ କହିଛନ୍ତି । ଏଥି ସହିତ ଅଦାଲତ ଭିତରେ ଓ ବାହାରେ ଶ୍ରୀ ସ୍ୱାଇଁଙ୍କୁ ସହଯୋଗ କରିଥିବା ଆଇନଜୀବି କୌଶିକ ସ୍ୱାଇଁ ଓ ଅରବିନ୍ଦ ସାହୁଙ୍କୁ ଧନ୍ୟବାଦ ଜଣାଇଛନ୍ତି । ସରକାର ତୁରନ୍ତ ଏହି ରାୟକୁ କାର୍ଯ୍ୟକାରୀ କରିବାକୁ ପ୍ରଶାନ୍ତ କୁମାର ମହାପାତ୍ର ସରକାରଙ୍କୁ ନିବେଦନ କରିଛନ୍ତି ।



ଡି.ଏ.ଭି. କଳିଙ୍ଗ ନଗରଠାରେ ରାକ୍ଷୀବନ୍ଧନ ଉତ୍ସବ ପାଳିତ

## ରାଷ୍ଟ୍ର ଆଗ, ଆଉ ସବୁ ତୁଚ୍ଛ

ଖୋର୍ଦ୍ଧା,(ପି.ଏନ): ସ୍ୱାଧିନତାର ୭୫ବର୍ଷ ଅବସରରେ ସ୍ୱତନ୍ତ୍ରତାର ଅମୃତ ମହୋତ୍ସବ ସମାରୋହ ସମିତି ଖୋର୍ଦ୍ଧା ନଗର ଆନୁକୂଲ୍ୟରେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ମଙ୍ଗଳବାର ବୁଦ୍ଧିଜିବୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ନଗର ସଂଯୋଜକ ସିଦ୍ଧେଶ୍ୱର ସିଂଙ୍କ ସଂଯୋଜନାରେ ଆୟୋଜିତ ଏହି ସମ୍ମଳନୀରେ ଆରଏସଏସର ଉତ୍କଳ ପୂର୍ବ ପ୍ରାନ୍ତ ସମ୍ପର୍କ ପ୍ରମୁଖ ସର୍ବେଶ୍ୱର ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଲେ ଯେ, ଭାରତବର୍ଷ ସ୍ୱାଧିନତାର ଅମୃତ ମହୋତ୍ସବ ପାଳନ କରୁଛି । ସ୍ୱତନ୍ତ୍ରତାର ସଂଗ୍ରାମରେ ଅନେକ କ୍ରାନ୍ତିକାରୀ ବୀର ସହୀଦ ହୋଇଛନ୍ତି । ସ୍ୱାଧିନ ଭାରତରେ ସେମାନଙ୍କୁ ଉପଯୁକ୍ତ ସ୍ଥାନ ଦିଆଯାଇନାହିଁ । ସ୍ୱାଧିନତା ଆନ୍ଦୋଳନର ଇତିହାସକୁ ଠିକ୍ ଭାବେ ଉପସ୍ଥାପନ କରାଯାଇନାହିଁ । ଅନେକ ଅନାଲୋଚିତ ପ୍ରସଙ୍ଗ ଆଜି ମଧ୍ୟ ଲୁପ୍ତ ଅବସ୍ଥାରେ ରହିଛି । ଇଂରେଜ ଏ ଦେଶକୁ ଆସିବା ପୂର୍ବରୁ ମୋଗଲ, ହୁଣ, ପର୍ତୁଗାଲ ପ୍ରଭୃତି ବାରମ୍ବାର ଆକ୍ରମଣ କରି ଏହାର ଭୂଲୁଣ୍ଠନ କରିଛନ୍ତି । ତଥାପି ଭାରତବର୍ଷ ର ସଂସ୍କୃତି, ପରମ୍ପରା ଉଜ୍ଜିବିତ ରହିଥିଲା । ବିବିଧତାଭରା ଭାରତର ବୈଶିଷ୍ଟ୍ୟ ହେଉଛି ଏକତା । ଭାରତର ଏକ ଗୌରବମୟ ଇତିହାସ ରହିଛି । ସମଗ୍ର ବିଶ୍ୱକୁ ଭାରତର ଅବଦାନ ଅତୁଳନୀୟ । କଳା,ସାହିତ୍ୟ, ସଂସ୍କୃତି, ଭାସ୍କର୍ଯ୍ୟ, ସ୍ଥାପତ୍ୟ କ୍ଷେତ୍ରରେ ଭାରତ ବିଶ୍ୱରେ ଉତ୍କର୍ଷତା ଲାଭ କରିଥିଲା । ଇଂରେଜ ମାନେ ଏ ଦେଶ ସାଂସ୍କୃତିକ ବିଭବ, ଗୁରୁକୁଳ ଶିକ୍ଷାପଦ୍ଧତିକୁ ନଷ୍ଟ କରିଦେଲେ । ଧିରେ ଧିରେ ଭାରତ ଅଧୋପତନ ଆଡକୁ ଗତିକ ରିବାକୁ ଲାଗିଲା । ମାକେଲ ଶିକ୍ଷା ପଦ୍ଧତି ଦେଶର ଶିକ୍ଷାକୁ ଧ୍ୱଂସ କରିଦେଲା । ଭାରତ ପରାଧିନତା ହେବା ପଛରେ ଇଂରେଜ ମାନଙ୍କ ସୁଚିନ୍ତିତ ଷଡଯନ୍ତ୍ର ରହିଥିଲା । ସମୟ ଆସିଛି, ପୁଣି ନିଜ ଗୌରବମୟ ଐତିହ୍ୟକୁ ମନେପକାଇବା । ଭାରତମାତାର ବନ୍ଦନା କର ।

## ଭାରତୀୟ ଉଦ୍ୟୋଗ ବ୍ୟାପାର ମଣ୍ଡଳର ୪୧ ତମ 'ଫାଉଣ୍ଡେସନ ଡେ' ପାଳନ କରାଯାଇଥିଲା



ଦିଲ୍ଲୀ,(ପି.ଏନ): ଅଗଷ୍ଟ ୯ ରେ ଭାରତ ନୂଆଦିଲ୍ଲୀର ସାମ୍ବିଧାନିକ କ୍ଲବରେ ଭାରତୀୟ ଉଦ୍ୟୋଗ ବ୍ୟାପାର ମଣ୍ଡଳର ୪୧ ତମ ବ୍ୟବସାୟୀ ଫାଉଣ୍ଡେସନ ଦିବସ ପାଳନ କରାଯାଇଥିଲା । ଭାରତର ୨୬ ଟି ରାଜ୍ୟରୁ ପ୍ରତିନିଧୀମାନେ ଅଂଶଗ୍ରହଣ କରିଥିଲେ ।ବହୁ ସଂଖ୍ୟକ ବ୍ୟବସାୟୀ ଉପସ୍ଥିତ ଥିଲେ । ସମ୍ମିଳନୀର ଅନୁଗ୍ରହ ଏବଂ ବ୍ୟବସାୟୀଙ୍କ ସମସ୍ୟା ବୁଝିବା ପାଇଁ ୪ କେନ୍ଦ୍ର ମନ୍ତ୍ରୀ, ଅନେକ ଏମ୍.ପି ଏବଂ ଏମେଲେ ଉପସ୍ଥିତ ଥିଲେ । ସମସ୍ତ ମନ୍ତ୍ରୀମାନେ ବ୍ୟବସାୟୀଙ୍କ ସମସ୍ୟାକୁ ଅତି ସତର୍କତାର ସହ ଶୁଣିଲେ ଏବଂ ସେମାନଙ୍କୁ ସମାଧାନର ସୁନିଶ୍ଚିତ କଲେ । ବ୍ୟବସାୟୀଙ୍କ ମୁଖ୍ୟ ସମସ୍ୟା ହେଉଛି ଜିଏସଟି ଅଧିକାରୀଙ୍କ ଦ୍ୱାରା ହଇରାଣ, ଦୁର୍ନୀତି, ବ୍ୟବସାୟୀଙ୍କ ସୁରକ୍ଷା ଇତ୍ୟାଦି । କଟକରୁ ପ୍ରହ୍ଲାଦ ଖଣ୍ଡେଲୱାଲ ଏବଂ ରାଜେଶ ଅଗ୍ରୱାଲ ଓଡିଶା ରାଜ୍ୟ ପ୍ରତିନିଧିତ୍ୱ କରିଥିଲେ । ପ୍ରହ୍ଲାଦ ଖଣ୍ଡେଲୱାଲ - ତାଙ୍କ ଭାଷଣରେ କହିଛନ୍ତି ଯେ ଯେତେବେଳେ ଜିଏସଟି ଲାଗୁ ହେଲା ସେତେବେଳେ ସ୍ୱର୍ଗତ ଅରୁଣ ଜେଟଲୀ ଜୀ କହିଥିଲେ ଯେ ରୋଟି, କପଡା ଏବଂ ଘର ଉପରେ କୌଣସି ଜିଏସଟି ରହିବ ନାହିଁ, କିନ୍ତୁ ଏହା ଅତ୍ୟନ୍ତ ଦୁଃଖଦ ବିଷୟ ଯେ ଆଜି ଉପରୋକ୍ତ ଉପରେ ଜିଏସଟି ଲାଗୁ କରାଯାଇଛି ।

## ଶିଶୁ ମନ୍ଦିରରେ ତ୍ରିରଙ୍ଗା ଅଭିଯାନ



ଖୋର୍ଦ୍ଧା,(ପି.ଏନ) : ଖୋର୍ଦ୍ଧା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆନୁକୂଲ୍ୟରେ ସ୍ୱାଧିନତାର ୭୫ବର୍ଷ ଅମୃତ ମହୋତ୍ସବ ଅବସରରେ ଘର ଘର ତ୍ରୀରଙ୍ଗା ଅଭିଯାନ ଏବଂ ସମୂହ ଜାତୀୟ ସଙ୍ଗୀତ ଗାନ ମଙ୍ଗଳବାର ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ କ୍ୟାମ୍ପସରେ ଆୟୋଜିତ ଏହି ଅଭିଯାନରେ ପ୍ରାୟ ୫ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ । ହାତରେ ତ୍ରିରଙ୍ଗା ପତାକା ଧରି ଭାରତମାତାର ଜୟଘୋଷ କରିଥିଲେ । ପ୍ରଧାନଚାର୍ଯ୍ୟ ଗିରିଜା ମହାପାତ୍ର, ଗୁରୁଜୀ ସିଦ୍ଧେଶ୍ୱର ସିଂ, ବଳରାମ ସାହୁ, ଦିଲୀପ କୁମାର କର, ସୁଶିଲ କର, ନଳିନୀକାନ୍ତ ଛୋଟରାୟ, ଗୁରୁମା ଜୟଶ୍ରୀ ସିଂ, ସୋମ୍ୟାଶ୍ରୀ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ । ସମସ୍ତ ଗୁରୁଜୀ,ଗୁରୁମା ଉପସ୍ଥିତ ଥିଲେ ।

## ସ୍ୱେଚ୍ଛାକୃତ ରକ୍ତଦାନ ଶିବିର




ଚଣ୍ଡିଖୋଲ,(ପିଏନ) :ପବିତ୍ର କ୍ରାନ୍ତି ଦିବସ ଅବସରରେ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆନୁକୁଲ୍ୟରେ ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ନିଳାଦ୍ରୀ ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଭୁବନେଶ୍ୱରଙ୍କ ମିଳିତ ସହଯୋଗରେ ବଡଚଣା ସ୍ଥିତ ମହାବିନାୟକ ବିଦ୍ୟାୟନ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରୁ ୬୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଅନୁଷ୍ଠାନର ସମ୍ପାଦକ ଅନିଲ କୁମାର ଦାଶଙ୍କ ସଂଯୋଜନାରେ ଶିବିରକୁ ଦର୍ପଣ ତହସିଲଦାର ପ୍ରଦୀପ କୁମାର ସେଠୀ ଉଦଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ଅଧକ୍ଷ ଡଃ କେଦାର ନାଥ ଦାଶ, ସମ୍ମାନୀୟ ଅତିଥି ଭାବେ ଅତିରିକ୍ତ ତହସିଲଦାର ଅଭିଲିପ୍ସା ଦାଶ, ଅଧାପକ ଅମ୍ବିକା ପ୍ରସାଦ ଦାଶ, ପ୍ରଧାନ ଶିକ୍ଷକ ପ୍ରକାଶ କୁମାର ନାୟକ, ରୋଟାରୀ କ୍ଲବ ଅଫ ଭୁବନେଶ୍ୱର ନିଳାଦ୍ରୀ ସଭାପତି ପୁଣ୍ୟଶ୍ଲୋକ ମହାନ୍ତି, ଏଚ୍‌ଡିଏଫ୍‌ସି ବ୍ୟାଙ୍କ, ଭୁବନେଶ୍ୱର ତରଫରୁ ତେହେସିନ୍ ଖାଁ, ପ୍ରଧାନ ଶିକ୍ଷକ ଚକ୍ରଧର ବିଶ୍ୱାଳ, ଉଦୀୟମାନ ମହିଳା ସଂଗଠନର ସଭାନେତ୍ରୀ ଦେବଯାନୀ ପ୍ରଧାନ, ସମ୍ପାଦିକା ଅରୁଣୀ ନନ୍ଦ, ଉପସଭାପତି କନକଲତା ବେହେରା, ସଂଯୋଜିକା କାଦମ୍ବିନୀ ମିଶ୍ର, କନକଲତା ସାମଲ, ସହକାରୀ ରାଜସ୍ୱ ନିରିକ୍ଷକ ସୁମିତ୍ରା ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରି ପ୍ରମାଣ ପତ୍ର ବଂଟନ କରିଥିଲେ । ପ୍ରାରମ୍ଭରେ ଅତିଥିମାନଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଥିବା ମହାତ୍ମା ଗାନ୍ଧୀ ଓ ଗୋପବନ୍ଧୁଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଯୁବ ସାମାଜିକ କର୍ମୀ ବିମଳ ପ୍ରସାଦ ଦାଶ ସର୍ବାଧିକ ୫୬ ଥରରୁ ଉର୍ଦ୍ଧ ରକ୍ତଦାନ, ବିଶ୍ୱ ରଂଜନ ସାହୁ ୩୦ ଥର ଓ ଅବିନାଶ ଦାସ ୩୦ ଥର ରକ୍ତ ଦାନ କରିଥିବାରୁ ଅତିଥିମାନେ ସେମାନଙ୍କୁ ଉତରୀୟ ଓ ମାନ ପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ । କେନ୍ଦ୍ରୀୟ ରେଡ କ୍ରସ ରକ୍ତ ଭଣ୍ଡାର କଟକ ତରଫରୁ ଡଃ ଭାଗ୍ୟଧର ସାହୁ, ସୁଧାଂଶୁ ଶେଖର ସାହୁ, ଲକ୍ଷ୍ମୀଧର ପୁଟି, ଆକାଶ ରଣା, ରମେଶ ରାଉତ ପ୍ରମୁଖ ରକ୍ତ ସଂଗ୍ରହ କରିଥିଲେ ।

## ଯୁକ୍ତ ଦୁଇ କଳା ପରିକ୍ଷାରେ ବଡଚଣା ମହିଳା ମହାବିଦ୍ୟାଳୟର ସଫଳତା, ଦେବସ୍ମିତା କଲେଜ ଟପ୍ପର

ଚଣ୍ଡିଖୋଲ,(ପିଏନ) : ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଯୁକ୍ତ ଦୁଇ କଳା ପରିକ୍ଷାରେ ବଡଚଣା ସ୍ଥିତ ବଡଚଣା ମହିଳା ମହାବିଦ୍ୟାଳୟର ଛାତ୍ରୀମାନେ ୮୧% ହାରରେ ପାଶ୍ କରିଛନ୍ତି । ମୋଟ୍ ୧୧୯ ଜଣ ଛାତ୍ରୀ ଚଳିତ ବର୍ଷ କଳା ଶ୍ରେଣୀରେ ପରିକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ପ୍ରଥମ ଶ୍ରେଣୀରେ ୧୪ ଜଣ, ଦ୍ୱିତୀୟ ଶ୍ରେଣୀରେ ୨୩ ଜଣ ଓ ତୃତୀୟ ଶ୍ରେଣୀରେ ୬୩ ଜଣ ଛାତ୍ରୀ ପାଶ୍ କରିଛନ୍ତି ।

## ବଡ଼ଚଣା କଂଗ୍ରେସ ପକ୍ଷରୁ କ୍ରାନ୍ତି ଦିବସ ପାଳିତ

ବଡ଼ଚଣା, ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବାଲିଚନ୍ଦ୍ରପୁର ଠାରେ ବଡ଼ଚଣା କଂଗ୍ରେସ ଦଳ ପକ୍ଷରୁ କ୍ରାନ୍ତି ଦିବସ ପାଳିତ ହୋଇ ଯାଇଛି ।ବଡ଼ଚଣା ର କଂଗ୍ରେସ ନେତା ଅଜୟ କୁମାର ସାମଲ ଦଳୀୟ ପତକା ଉତ୍ତୋଳନ କରି ଶୌର୍ଯ୍ୟ ,ତ୍ୟାଗ ଓ ବଳିଦାନର ଦିବସ ସମ୍ପର୍କରେ ଆଲୋକ ପାତ କରି ଦେଶ ଗଠନରେ ଭାରତୀୟ ଜାତୀୟ କଂଗ୍ରେସ ଦଳର ବଳିଦାନ ସମ୍ପର୍କରେ ଉପସ୍ଥିତ କର୍ମୀ ମାନଙ୍କୁ ଅବଗତ କରାଇ ଥିଲେ ।କ୍ରାନ୍ତି ଦିବସ ଅଗଷ୍ଟ ୯ ତାରିଖ ଯୁବ କଂଗ୍ରେସ ର ପ୍ରତିଷ୍ଠା ଦିବସ ଭାବେ ପାଳିତ ହୋଇ ଥିବାରୁ କଂଗ୍ରେସ ଦଳର ଯୁବ କଂଗ୍ରେସ ର ଭୂମିକା ସମ୍ପର୍କରେ ଆଲୋଚ୍ନା କରିଥିଲେ ।ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ସରପଞ୍ଚ ସେକ୍ ରିଆସତ୍ ଅଲ୍ଲୀ ,ପ୍ରାକ୍ତନ ଯାଜପୁର ଯୁବ କଂଗ୍ରେସ ସଭାପତି ବିଶ୍ୱ ପ୍ରକାଶ ସାମଲ ,କୋର କମିଟି ର ଆବାହକ ଚାନ୍ଦ ଖାଁ,ବଡ଼ଚଣା ଯୁବ କଂଗ୍ରେସ ସଭାପତି ସଞ୍ଜୟ କୁମାର କର, ମହନି ମହାନ୍ତି ,ଶାନ୍ତନୁ ଜେନା,ପ୍ରଭାତ ସାହୁ,ଅଶୋକ ରାଉତ,ନାରାୟଣ ଦାସ,ବଟକୃଷ୍ଣ ଦାସ,ଅଶୋକ କୁମାର ବେହେରା ଓ ବଦିରୁଦ୍ଦିନ ସାହେବ୍ ଯୋଗ ଦେଇଥିଲେ ।ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ର କାର୍ଯ୍ୟ ସୂଚ୍ନା ଅନୁଯାୟୀ ପଦ ?ଯାତ୍ରା ରେ କର୍ମୀ ମାନେ ଯୋଗ ଦେବା ସମ୍ପର୍କରେ ଆଲୋଚ୍ନା ହୋଇଥିଲା


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray